
ଧରିତ୍ରୀ
DHARITRI
March 1-7, 2026 ₹ 2/-
ଧରିତ୍ରୀ DHARITRI 52 Years

ଛୁଟିଦିନ

# ଦୋଳ ବିମାନର ଗାଁ



୩

## ପ୍ରଚ୍ଛଦ ପ୍ରସଙ୍ଗ

ଦୋଳ ପୂର୍ଣ୍ଣିମାରେ ଶ୍ରୀ ରାଧାକୃଷ୍ଣଙ୍କ ସୁସଜ୍ଜିତ ଦୋଳ ବିମାନ ଗାଁ ଗାଁରେ ଦେଖିବାକୁ ମିଳେ। ତେବେ ଏହି ଦୋଳ ବିମାନ ନିର୍ମାଣ ପଛରେ ରହିଛି କିଛି ନିର୍ଦ୍ଦିଷ୍ଟ ଗାଁର ମହାରଣାଙ୍କ ହାତର କାରୁକାର୍ଯ୍ୟ...

# ହୋଲିକୁ ନେଇ ବାସ୍ତୁ

ରଙ୍ଗର ପର୍ବ ହୋଲି। ସାଙ୍ଗସାଥୀଙ୍କ ସହ ହୋଲି ଖେଳିବା ଆଉ ନାନାଦି ସୁସ୍ୱାଦୁ ବ୍ୟଞ୍ଜନ ଖାଇବାରେ ଏହି ଶୁଭ ଦିନଟି କିପରି ବିତିଯାଏ ଜଣାପଡେନି। ତେବେ ଏହିଦିନ କିଛି ଜରୁରୀ ବାସ୍ତୁଟିପ୍ସକୁ ଆପଣାଇଲେ ବର୍ଷସାରା ଶୁଭଫଳ ମିଳେ ବୋଲି ବିଶ୍ୱାସ ରହିଛି। ଯେମିତିକି:



* ଏହିଦିନ ଭଗବାନ ଶ୍ରୀକୃଷ୍ଣ ଓ ରାଧାରାଣୀଙ୍କର ଯୁଗଳ ଫଟୋ କିମ୍ବା ମୂର୍ତ୍ତି ଘରକୁ ଆଣିବା ଶୁଭ ହୋଇଥାଏ। ଏହାକୁ ଘରକୁ ଆଣିବା ପରେ ପ୍ରଥମେ ଫୁଲ ଓ ଫଗୁ, ଅବିର ଦେଇ ପୂଜା କରିବା ପରେ ନିଜ ଇଚ୍ଛା ଅନୁଯାୟୀ ଠାକୁରଘରେ ହେଉ ଅବା ଶୋଇବା ଘରେ ରଖିପାରିବେ।
* ହୋଲିଦିନ ଭଗବାନ ଗଣେଶଙ୍କୁ ଆବାହନ କରି ତାଙ୍କ ନିକଟରେ ପଣା ଭୋଗ କଲେ ପରିବାରରେ ଖୁସି ବଢିବା ସହ ପରିବାର ଲୋକଙ୍କର ଭାଗ୍ୟ ଖୋଲିଯାଏ ବୋଲି ବିଶ୍ୱାସ।
* ଏହି ଶୁଭଦିନରେ ଘର ହେଉ ଅବା କାର୍ଯ୍ୟାଳୟର ପୂର୍ବଦିଗ କାନ୍ଥରେ ସୂର୍ଯ୍ୟ ଉଦୟ ହେଉଥିବାର ଫଟୋ ଲଗାଇଲେ ଭାଗ୍ୟୋଦୟ ହୁଏ ବୋଲି ବିଶ୍ୱାସ।
* ଗଛଲତା ଘରକୁ ସୁଖଶାନ୍ତି ଆଣିଥାଏ। ହୋଲି ଅବସରରେ ତୁଳସୀ ଗଛ କିମ୍ବା ମନିପ୍ଲାଣ୍ଟ ଅବା ଅନ୍ୟ କୌଣସି ଇଣ୍ଡୋର ପ୍ଲାଣ୍ଟକୁ ଘରେ ଲଗାଇଲେ ବାସ୍ତୁଦୋଷ ଦୂର ହୁଏ ବୋଲି ବାସ୍ତୁବିତ୍‌ମାନେ ମତ ଦେଇଥାନ୍ତି।
* ଜାତୀୟ ପତାକାକୁ ସମ୍ମାନ ଦେଇ କେତେକ କାର୍ଯ୍ୟାଳୟର ଶୀର୍ଷ ଭାଗରେ ଏହାକୁ ଲଗାଯାଇଥାଏ। ଯଦି ତାହା ପୁରୁଣା ହୋଇଯାଇଥାଏ ଆଉ ତାକୁ ବଦଳାଇବାକୁ ଚାହୁଁଥାନ୍ତି, ତା'ହେଲେ ହୋଲିଦିନ ଏହାକୁ ବଦଳାଇଲେ ମାନ-ସମ୍ମାନ, ସୁଖ ସମୃଦ୍ଧି ବୃଦ୍ଧି ହୁଏ ବୋଲି ବିଶ୍ୱାସ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୧-୭, ୨୦୨୬

### ମେଷ
ଉଦ୍ୟମ ନିଷ୍ଫଳ ହେବ ନାହିଁ, କର୍ମକ୍ଷେତ୍ରର ସମସ୍ୟା ସମାଧାନ, ଆନୁଷଙ୍ଗିକ ସାହାଯ୍ୟପ୍ରାପ୍ତି, ଆର୍ଥିକ ପରିସ୍ଥିତି ଊର୍ଦ୍ଧ୍ୱାଭିମୁଖୀ, ଅତୀତ ଅସନ୍ତୋଷର ବାସ୍ତବରୂପ, ପ୍ରଶାସନିକ ସଫଳତା, ସାହିତ୍ୟ କୃତିରୁ ପ୍ରଶଂସା, କ୍ରନିକ୍ ରୋଗର ନିୟନ୍ତ୍ରଣ ॥

### ବୃଷ
ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ସାମାଜିକ ସମ୍ମାନ, ପାରିବାରିକ ବିତର୍କ, ନୂତନ ପ୍ରୋଜେକ୍ଟ ଆରମ୍ଭ, ଖର୍ଚ୍ଚଭାର ବୃଦ୍ଧି, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଘର କାମକୁ ଅବହେଳା, ବାଣିଜ୍ୟର ଅଭିବୃଦ୍ଧି, ପରିବହନରେ ଝଗଡ଼ା, ବିବାଦରେ ବିଜୟ ॥

### ମିଥୁନ
କୌଶଳପୂର୍ଣ୍ଣ କାର୍ଯ୍ୟାବଳୀ, କୂଟନୀତି ଦ୍ୱାରା କାର୍ଯ୍ୟ ହାସଲ, ପ୍ରିୟଜନଙ୍କ ସାନ୍ନିଧ୍ୟ, ନିର୍ମାଣାଧୀନ ଗୃହାରମ୍ଭ, ସହକର୍ମୀଙ୍କ ସହାନୁଭୂତି, ବ୍ୟବସାୟରେ ଉନ୍ନତି, ପଦସ୍ଥ ବ୍ୟକ୍ତିଙ୍କ ପରାମର୍ଶ, ପାରିବାରିକ ବିଶୃଙ୍ଖଳା ॥

### କର୍କଟ
ଶୁଭଖବର ପାଇବେ, ପ୍ରତୀକ୍ଷାର ଅନ୍ତ ଘଟିବ, ସରକାରୀ ସହାୟତା, ଭ୍ରାତୃ ସମ୍ପର୍କରେ ଅବନତି, ସନ୍ତାନଙ୍କ କୃତୀ ଓ କୃତିତ୍ୱ, ନୂତନ ସମ୍ପର୍କ ସୃଷ୍ଟି, ଋଣ ପରିଶୋଧ କରିବେ, ଦୂରଯାତ୍ରାର ଯୋଜନା ॥

### ସିଂହ
କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି, ସମୟାନୁବର୍ତ୍ତିତାରୁ ପ୍ରଶଂସା, ସମସ୍ୟାର ପରିସମାପ୍ତି, ପାରିବାରିକ ଆଲୋଚନା, ପରିସ୍ଥିତି ବଦଳିଯିବ, ବ୍ୟବସାୟିକ ସଫଳତା, ରୋଗପୀଡ଼ାରୁ ଉପଶମ,ଆନୁଷ୍ଠାନିକ କାମରେ ବିବାଦ ॥

### କନ୍ୟା
ପାରିବାରିକ ସୌହାର୍ଦ୍ଦ୍ୟ, କାର୍ଯ୍ୟ ହାସଲରେ ଆନନ୍ଦ, ଆର୍ଥିକ ଦୁରବସ୍ଥା, ବନ୍ଧୁଙ୍କ ମିଥ୍ୟାଭିଯୋଗ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ, କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି, କଚେରି ମାମଲାରେ ବାଇଦା ॥

### ତୁଳା
ଅବସୋସର ପରିସମାପ୍ତି, ଅଭିଳାଷ ପୂରଣ ହେବ, ଯାନ୍ତ୍ରିକ ଜିନିଷର ମରାମତି, ଲୋକପ୍ରିୟତା ବୃଦ୍ଧି, ଆନୁଷ୍ଠାନିକ କାମର ପ୍ରସ୍ତୁତି, ଅର୍ଥ ସଙ୍କଟର ଅନୁଚିନ୍ତା, ବାଣିଜ୍ୟରେ ପ୍ରତିବନ୍ଧକ, ସାହିତ୍ୟ ସଂସ୍କୃତିରେ ଅନୁରାଗ, ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ॥

### ବିଛା
ମଙ୍ଗଳଜନକ କର୍ମାରମ୍ଭ, ଜମିଜମା ବିବାଦ, କଳକବ୍‌ଜା ମରାମତି, କାରବାରରେ ଉନ୍ନତି, ବନ୍ଧୁଙ୍କ ସହଯୋଗ ପ୍ରତିଶ୍ରୁତି, ଘରୋଇ କଳହରୁ ଅଶାନ୍ତି, ନୃତ୍ୟ ସଙ୍ଗୀତରୁ ସମ୍ମାନ, ପ୍ରକାଶନରେ ବିଳମ୍ବ, ଦୂରଯାତ୍ରାରୁ ସଫଳତା, ତୀର୍ଥାଟନର ସୁଯୋଗ।

### ଧନୁ
କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଅସ୍ଥିରତା, ଆର୍ଥିକ ଅନଟନ, ପଡ଼ୋଶୀଙ୍କ ପ୍ରତିବାଦ, ଅନ୍ୟମନସ୍କ ରହିପାରନ୍ତି, ପାରିବାରିକ ସୌହାର୍ଦ୍ଦ୍ୟ, ପ୍ରତିଯୋଗିତାରେ ସଫଳତା, ବନ୍ଧୁଙ୍କ ପ୍ରେରଣା, ରାଜନୈତିକ ବିବାଦ, ଉଚ୍ଚ କର୍ତ୍ତୃପକ୍ଷଙ୍କ ଚାପ ॥

### ମକର
ବୈଷୟିକ ଅଭିବୃଦ୍ଧି, ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ପଡ଼ୋଶୀଙ୍କ ପରାମର୍ଶ, ସାମୟିକ ପ୍ରତିବନ୍ଧକ, କର୍ମକ୍ଷେତ୍ରରେ ପ୍ରଶଂସା, ପ୍ରୋତ୍ସାହନ ପାଇବେ, ଗୃହୋପଯୋଗୀ ଜମିଲାଭ, ଅଭିଳାଷ ପୂରଣ, ନୂତନ ପ୍ରକଳ୍ପାରମ୍ଭ, ରପ୍ତାନି କାରବାର ବଢ଼ିବ ॥

### କୁମ୍ଭ
ସାମୟିକ ସ୍ୱାସ୍ଥ୍ୟହାନି, କାମ ଅଟକି ରହିଯିବ, ନୂତନ ବନ୍ଧୁସମ୍ପର୍କ, ଅସାବଧାନତାରୁ ଦ୍ରବ୍ୟ ନଷ୍ଟ, ନୂତନ ଯୋଜନାରମ୍ଭ, ପାରିବାରିକ ପ୍ରୋତ୍ସାହନ, ଭୁଲ୍ ବୁଝାମଣାରୁ କଳହ, ସତ୍‌ସଙ୍ଗର ସୁଯୋଗ, ଚାକିରି ଅଫର୍ ପାଇପାରନ୍ତି, ତୀର୍ଥାଟନର ପ୍ରସ୍ତୁତି।

### ମୀନ
ପାରିବାରିକ ଶାନ୍ତି, ଋଣ ପରିଶୋଧ କରିବେ, ଭ୍ରାତୃ ସମ୍ପର୍କରେ ଅବନତି, ମାନସିକ ଚାପ ବଢ଼ିବ, ଅନ୍ୟମନସ୍କ ରହିପାରନ୍ତି, ଶୁଭ ଖବର ପାଇବେ, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ରୋଗପୀଡ଼ା କମିବ, ବନ୍ଧୁଙ୍କ ସହାନୁଭୂତି, ଆଇନ ସହାୟତା ପାଇବେ ॥

# ହୋଲିର ରଙ୍ଗ ବି ଆଣିପାରେ ଖୁସି...

ହୋଲିରେ ଖେଳାଯାଉଥିବା ଫଗୁ, ଅବିରକୁ ସୁଖ, ସୌଭାଗ୍ୟର ପ୍ରତୀକ ଭାବେ ବିବେଚନା କରାଯାଇଥାଏ। ତେବେ ହୋଲି ଦିନ କେଉଁ ରଙ୍ଗର ଫଗୁ, ଅବିରରେ ହୋଲି ଖେଳିଲେ ସୁଖସମୃଦ୍ଧି ବୃଦ୍ଧ ହେବା ସହ ମାନସିକ ଶାନ୍ତି ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...

* ନାଲି ରଙ୍ଗକୁ ଉର୍ଜା ଓ ଶକ୍ତିର ପ୍ରତୀକ ବୋଲି କୁହାଯାଇଥାଏ। ତେଣୁ ହୋଲି ଦିନ ନାଲି ରଙ୍ଗର ଫଗୁ କିମ୍ବା ଅବିରରେ ହୋଲି ଖେଳିଲେ ଶରୀରରେ ଫୁର୍ତ୍ତି ଆସିଥାଏ ବୋଲି ବିଶ୍ୱାସ କରାଯାଏ।



* ସବୁଜ ରଙ୍ଗକୁ ସମୃଦ୍ଧି, ପ୍ରେମ, ପ୍ରଗତି ତଥା ସକାରାତ୍ମକ ଉର୍ଜାର ପ୍ରତୀକ ବୋଲି ବିବେଚନା କରାଯାଏ। ତେଣୁ ଏହି ରଙ୍ଗରେ ହୋଲି ଖେଳିଲେ କୁଆଡ଼େ ସ୍ୱାସ୍ଥ୍ୟ ଭଲ ରହିବା ସହ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ।
* ହଳଦିଆ ରଙ୍ଗର ଫଗୁ କିମ୍ବା ଅବିରରେ ହୋଲି ଖେଳିଲେ ମୁହଁରେ ଏକ ଅପୂର୍ବ ଶୋଭା ଦେଖାଯିବା ସହ ଜୀବନରେ ଆନନ୍ଦ ଭରି ଯାଇଥାଏ ବୋଲି ବିଶ୍ୱାସ ରହିଛି।
* ଗୋଲାପୀ ରଙ୍ଗ ଜୀବନରେ ପ୍ରେମ ଭରିଦିଏ। ଏହି ରଙ୍ଗରେ ହୋଲି ଖେଳିଲେ ସମ୍ପର୍କରେ ଆପଣାପଣ ବଢିବା ସହ ଯେ କୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ମନୋବଳ ଆସିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।
* ନୀଳ ରଙ୍ଗରେ ହୋଲି ଖେଳିଲେ ମନରେ ସୁରକ୍ଷା ଭାବନା ଜାଗ୍ରତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ତେବେ କେବେ ବି କଳା ରଙ୍ଗର ଫଗୁ କିମ୍ବା ଅବିରରେ ହୋଲି ଖେଳିବା ଠିକ୍ ନୁହେଁ। ବାସ୍ତୁଶାସ୍ତ୍ରରେ ଏହି ରଙ୍ଗକୁ ସମସ୍ୟା ବୃଦ୍ଧି ତଥା ଅବସାଦର ଏକ ଲକ୍ଷଣ ଭାବେ ବିବେଚନା କରାଯାଇଥାଏ।

# ପାଠକୀୟ

* ହିନ୍ଦୁଧର୍ମରେ ରୁଦ୍ରାକ୍ଷର ସ୍ଥାନ ଖୁବ୍ ପବିତ୍ର। ବିଶେଷକରି ଏହା ଶୈବ ସଂସ୍କୃତିର ମହିମା ଗାନ କରେ। କେବଳ ଧାର୍ମିକ ଭାବନା ନୁହେଁ, ଚିକିତ୍ସା କ୍ଷେତ୍ରରେ ମଧ୍ୟ ଏହାର ଅବଦାନ ଅତୁଳନୀୟ। ତେଣୁ ଏଭଳି ଏକ ମହତ୍ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ 'ରୁଦ୍ରାକ୍ଷ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମର୍ମସ୍ପର୍ଶୀ ହୋଇଥିଲା।

*– ମମତାମୟୀ ପାଣିଗ୍ରାହୀ, ଭୁବନେଶ୍ୱର*

* 'ରୁଦ୍ରାକ୍ଷ' ଶୀର୍ଷକ ଆଲେଖ୍ୟକୁ ନେଇ ପ୍ରସ୍ତୁତ ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହେବା ସହ ଶିକ୍ଷଣୀୟ ହୋଇଥିଲା। 'ଜାଗର ଜାଳୁଥିଲେ', 'ବେଲଗଛ ଲଗାଇଲେ କ'ଣ ହୁଏ ଶୁଭ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ସଞ୍ଜୟ ସୁବୁଦ୍ଧି, ରାଉରକେଲା*

* 'ଟିଭି ପରଦାରେ ମହାଦେବ' ଶୀର୍ଷକ ପାଠରୁ ବହୁ ଅଜଣା ତଥ୍ୟ ଜାଣିବାର ସୁଯୋଗ ମିଳିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିକ୍ଷାବିତ୍ ତଥା ସାହିତ୍ୟିକ ନିଶିକାନ୍ତ କହଲସିଂହଙ୍କ ଜୀବନି ସମ୍ପର୍କରେ ବହୁ ମନଛୁଆଁ କଥା ସବୁ ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଅଳ୍ପ ସମୟର ଗଳ୍ପ' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା।

*– ଗଣେଶ ପ୍ରଧାନ, ସାକ୍ଷୀଗୋପାଳ*

* ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ଡେଟ୍ ନଥିଲା ବୋଲି', 'ଅଡୁଆ କରିଛି ପ୍ରେମ', 'ଅପେକ୍ଷାରେ ଆୟୁଷ୍ମାନ' ଆଦି ପାଠର ଉପସ୍ଥାପନା ଶୈଳୀ ଖୁବ୍ ସୁନ୍ଦର ଥିଲା। କବି ଓ ଲେଖିକା ବୀଣାପାଣି ରାଏଗୁରୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ହୋଇଥିଲା।

*– ବିଜୁ, ଅଜୁ, ରାଜୁ, କଟକ*

* ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ମହାଶିବରାତ୍ରିରେ ଶାଢ଼ି ଲୁକ୍' ଶୀର୍ଷକ ପାଠଟି ମନଛୁଆଁ ହେବା ସହ ତଥ୍ୟପୂର୍ଣ୍ଣ ଥିଲା। 'ବୀରହରେକୃଷ୍ଣପୁର' ସମ୍ପର୍କରେ ଛୁଟିଦିନରୁ ବହୁ ଅଜଣା କଥା ଜାଣିବାର ସୁଯୋଗ ମିଳିଲା। ହାଃ ହାଃ ବି ଖୁବ୍ ମଜାଦାର୍ ହୋଇଥିଲ।

*– ସୁନିତା ମିଶ୍ର, କଟକ*

* ସହରଠୁ ଦୂର ପୃଷ୍ଠାରୁ 'ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ରାଓ୍ୱାଙ୍ଗଲା' ସମ୍ପର୍କରେ ବହୁ ଅଜଣା କଥା ଜାଣିବାର ସୁଯୋଗ ମିଳିଲା। 'ଦେବ ଦେବ ମହାଦେବଙ୍କର ବେଲପତ୍ର କାହିଁକି ପ୍ରିୟ' ସେ ସମ୍ପର୍କରେ ବିବିଧା ପୃଷ୍ଠାରୁ ଜାଣି ଖୁସି ଲାଗିଲା।

*– ରାଜେଶ ଶତପଥୀ, କେନ୍ଦ୍ରାପଡ଼ା*

* ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ପ୍ରେମର ସାଇଡ୍ ଇଫେକ୍ଟ' ଶୀର୍ଷକ ପାଠଟିରୁ ବହୁ ଉପାଦେୟ କଥା ଜାଣିହେଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପୋଷା ପଥର ଅଲିମ୍ପିକ', 'ଲାଲ ଲଙ୍କାର ସ୍ପା', 'ହାତରେ କଲେ ମ୍ୟାରେଜ୍ ସାର୍ଟିଫିକେଟ୍‌ର ଟାଟୁ' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ଲାଗିବା ସହ ତଥ୍ୟପୂର୍ଣ୍ଣ ଥିଲା।

*– ସହଦେବ, ରାଉରକେଲା*




## ବିଶେଷ ଚିଠି

ରୁଦ୍ରାକ୍ଷକୁ ନେଇ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ନିଆରା ଲାଗିବା ସହ
ମନେ ଦେଉଥିଲା ଆଧ୍ୟାତ୍ମିକ ଭାବ।
ତା'ସାଙ୍ଗକୁ ଥିଲା
ଟିଭି ପରଦାରେ ମହାଦେବ,
ମନ କିଣି ନେଉଥିଲା ପୁଣି
ସାଥୀ ପୃଷ୍ଠାର ମନଛୁଆଁ ଉତ୍ତର ଭେଦ।
ସତରେ ହେ ପ୍ରିୟ ଛୁଟିଦିନ,
ତୁମର ସବୁ ପୃଷ୍ଠା ଲାଗେ
ସବୁବେଳେ ନୂତନ ନୂତନ।

*–ରାହାସ ବିହାରୀ ଦାଶ,
କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଦୋଳ ବିମାନର ଗାଁ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରେ ଦୋଳଯାତ୍ରା ଅନ୍ୟତମ। ଫାଲ୍‌ଗୁନ ଦଶମୀ ଠାରୁ ପୂର୍ଣ୍ଣିମା ପାଞ୍ଚଦିନ ଧରି ଏହା ଅନୁଷ୍ଠିତ ହୋଇଥାଏ। ଏଥିରେ ଶ୍ରୀଜଗନ୍ନାଥଙ୍କର ଅର୍ଚ୍ଚାବିଗ୍ରହ ଶ୍ରୀମଦନମୋହନ ତାଙ୍କର ଶ୍ରୀଦେବୀ ଓ ଭୂଦେବୀଙ୍କ ସହ ଦୋଳବିମାନରେ ସେବକମାନଙ୍କ ସହ ବାଦ୍ୟ ରୋଶଣିରେ ଦୋଳବିମାନକୁ ବିଜେ କରିଥାନ୍ତି। ଏଥିରେ ଅବିର (ସୁବାସିତ ଫଗୁ)ଠାକୁରଙ୍କୁ ଅର୍ପଣ କରାଯାଇଥାଏ। ଜଗନ୍ନାଥ ସଂସ୍କୃତି ଗବେଷକ **ଡ.ଚନ୍ଦ୍ରଶେଖର ଦାଶ** କୁହନ୍ତି, 'ଶ୍ରୀମନ୍ଦିର ଭିତରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ସୁନାବେଶ, ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୋଇଥାଏ। ଏହା ବସନ୍ତ ଉତ୍ସବ ଭାବରେ ସୁପରିଚିତ। ଶ୍ରୀଚୈତନ୍ୟଙ୍କର ଓଡ଼ିଶା ଆଗମନ ପରେ ଏହି ଉତ୍ସବ ପାଳିତ ହୋଇଆସୁଛି ବୋଲି ଗବେଷକଙ୍କ ମତ।

''ଦୋଳାୟାଂ ଦୋଳଗୋବିନ୍ଦଂ ଚାପେତୁ ମଧୁସୂଦନମ୍।
ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ଲଭ୍ୟତେ।''

ଅର୍ଥାତ୍ ଦୋଳରେ ଦୋଳ ଗୋବିନ୍ଦ, ଚାପରେ ମଧୁସୂଦନ ଓ ରଥରେ ବାମନ ଭଗବାନ୍‌ଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏ ନାହିଁ ବୋଲି ପୁରାଣରେ କଥିତ ଅଛି । ଶ୍ରୀଜଗନ୍ନାଥ ମହାପ୍ରଭୁ ବାରମାସରେ ବାରଟି ନାମରେ ପୂଜିତ। ମାର୍ଗଶିରେ କେଶବ ଯେ, ପୌଷେ ନାରାୟଣ। ମାଘରେ ମାଧବ, ଫଗୁଣେ ଗୋବିନ୍ଦ ସ୍ମରଣ।। ଚୈତ୍ରେ ବିଷ୍ଣୁଭଜ, ବୈଶାଖେ ମଧୁସୂଦନ। ଜ୍ୟେଷ୍ଠେ ତ୍ରିବିକ୍ରମ ଚିନ୍ତ, ଆଷାଢ଼େ ବାମନ। ଶ୍ରାବଣେ ଶ୍ରୀଧର ସ୍ମର, ଭାଦ୍ରେ ହୃଷୀକେଶ। ଆଶ୍ୱିନେ ପଦ୍ମନାଭ, ଭର୍ଜେ ଦାମୋଦର ବେଶ। ଫଗୁଣରେ ଅନୁଷ୍ଠିତ ଦୋଳ ଉତ୍ସବରେ ଦୋଳଗୋବିନ୍ଦ ପୂଜିତ ହୁଅନ୍ତି। ବୈଶାଖର ଅଧିଷ୍ଠାତା ଦେବତା ଭାବରେ ମଧୁସୂଦନଙ୍କୁ ଚିନ୍ତନ କରାଯାଇଥାଏ। ସେହିପରି ଆଷାଢ଼ରେ ରଥଯାତ୍ରାରେ ବାମନଙ୍କୁ ସ୍ମରଣ କରି କୁହାଯାଏ। ରଥରେ ଦେଖି ବାମନ, ଜୀବନକୁ କର ଧନ୍ୟ। ତେବେ ଫଗୁଣ ମାସରେ ଦୋଳବିମାନରେ ଦୋଳଗୋବିନ୍ଦଙ୍କୁ ଶ୍ରଦ୍ଧାଳୁମାନେ ମେଳଣ କରିଥାନ୍ତି। ପଞ୍ଚଦୋଳ, ଦଶଦୋଳ, ଫୁଲଦୋଳ ଆଦି କୁହାଯାଇଥାଏ। ଓଡ଼ିଶାର ପୁରପଲ୍ଲୀରେ ଏହି ଦୋଳପର୍ବ ପାଳନ ହୁଏ।'

ଏହି ଦୋଳପର୍ବରେ ସବୁଠୁ ବଡ଼ ଆକର୍ଷଣ ହେଉଛି ଦୋଳବିମାନ। କାଠରେ ନିର୍ମିତ ଦୋଳ ବିମାନରେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିକୁ ବିରାଜମାନ କରାଇ ଶ୍ରଦ୍ଧାଳୁମାନେ ବିଭିନ୍ନ ଗାଁ ସାହି ଆଦି ଭ୍ରମଣ କରାଇ ମେଳଣ ପଡ଼ିଆକୁ ନେଇଥାନ୍ତି। ଏହି ଦୋଳବିମାନକୁ ମହାରଣାମାନେ ନିଷ୍ଠାର ସହ ତିଆରି କରିଥାନ୍ତି। ଯେଉଁଥିରେ ଦେବୀଦେବଙ୍କ ଲାଗି କାଠରେ ନିର୍ମିତ ଖଟୁଲି, ରଥ, ଦୋଳବିମାନ, ନୌକା, ପାଲିଙ୍କି ଆଦି ପାଇଁ ସ୍ୱତନ୍ତ୍ର କାରିଗର ବି ରହିଥାନ୍ତି। ଯେଉଁମାନେ ପିଢିପରେ ପିଢି ଏହି କୌଶଳକୁ ଆପଣେଇଥାନ୍ତି। ବିଶେଷକରି ପୁରୀ ଜିଲାର କେତେକ ଅଞ୍ଚଳରେ ଏହି ଦୋଳବିମାନ ତିଆରି କାରିଗରଙ୍କ ବେଶ୍ ନାଁ ରହିଛି। ସେହି ଅଞ୍ଚଳରେ ଏହି ଗାଁ ଦୋଳ ବିମାନ ତିଆରି ଗାଁଭାବେ ମଧ୍ୟ ପରିଚିତ।

**୪ର୍ଥ ଶ' ଶାସନର ଦୋଳ ବିମାନ ସ୍ୱତନ୍ତ୍ର**–ପୁରୀ ଜିଲାର ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କପିଳେଶ୍ୱରପୁର ଓଡ଼ିଶାରେ ଖୁବ୍ ପରିଚିତ। ଏହି ଗ୍ରାମର ୪ର୍ଥ ଶ' ଶାସନରେ ଅବସ୍ଥିତ ଓଡ଼ିଆ ଭାଗବତର ରଚୟିତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମସ୍ଥାନ। ଏହି ଗ୍ରାମରେ ପାରମ୍ପରିକ କୌଳିକ ବୃତ୍ତିରେ ନିଜର ପରିବାର ପ୍ରତିପୋଷଣ କରିଆସୁଛନ୍ତି ୬୬ ବର୍ଷ ବୟସ୍କ ବ୍ରଜବନ୍ଧୁ ମହାରଣା। ସେ କୁହନ୍ତି, 'ଜେଜେବାପାଙ୍କ ଅମଳରୁ ଆମେ ଏହି କାଠ କାରିଗରି କାମ କରିଆସୁଛୁ। ବିଶେଷକରି ଦୋଳବିମାନ ଓ ଶଗଡ଼ ଚକ ତିଆରି କରିଥାଉ। ଆମ ପାଖକୁ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସିଥାନ୍ତି। ତିଆରି ହୋଇଥିବା ବିଭିନ୍ନ ପ୍ରକାରର ଦୋଳବିମାନକୁ କିଣି ନେଇଥାନ୍ତି। ଫଗୁଣ ମାସ ପୂର୍ବରୁ ପ୍ରତିବର୍ଷ ୩/୪ଟି ଦୋଳବିମାନ ନିର୍ମାଣ ପାଇଁ କେହି ନା କେହି ଅଗ୍ରିମ ଅର୍ଥ ଦେଇଥାନ୍ତି। ଏଥିପାଇଁ ଦୋଳର ଉଚ୍ଚତା ଅନୁସାରେ ଶାଳ ଓ ଗମ୍ଭାରୀ କାଠ କିଣିବାକୁ ପଡ଼ିଥାଏ। ଗରାଖଙ୍କ ପସନ୍ଦ ଅନୁସାରେ ଦୋଳବିମାନ ପାଇଁ ଆବଶ୍ୟକ ମାପ ଅନୁସାରେ କାଠକୁ ସାଇଜ୍ କରି କାଟିଥାଉ। ଏହାପରେ ବିମାନର ଗୋଡ଼, ବାହି, ଚଉତା, କୁନ୍ଦକାଠି, ମେରାବି, ବାଙ୍କି, ପ୍ରଭା, ସିଂହାସନ, କଳସ ଆଦି ଅଂଶ ତିଆରି କରାଯାଇଥାଏ। ପରେ ୧ଚାଳିଆ, ୨ଚାଳିଆ, ୩ଚାଳିଆ ଶୈଳୀର ବିଭିନ୍ନ ଆକୃତିର ଦୋଳବିମାନ ତିଆରି କରାଯାଇଥାଏ। ଅର୍ଜୁନଙ୍କ ଦୋଳବିମାନ ଭାବେ ଧନୁର ଚିତ୍ରକୁ କାଠରେ ଖୋଦେଇ କରାଯାଇଥାଏ। ସେହିପରି ଭୀମଙ୍କ ଦୋଳବିମାନର ସଙ୍କେତ ଭାବେ ଗଦାର ଚିତ୍ର କାଠରେ ଖୋଦେଇ କରାଯାଇଥାଏ। ବିମାନଟି ସମ୍ପୂର୍ଣ୍ଣ ହୋଇସାରିବା ପରେ ବିଭିନ୍ନ ରଙ୍ଗର କନାକୁ ମଣ୍ଡନ କରାଯାଇଥାଏ। ବିମାନରେ ଛୋଟ ଚାନ୍ଦୁଆ ଲଗାଯାଇଥାଏ ଏବଂ ବାହାରେ ସୁନ୍ଦର ସୁନ୍ଦର କନାରେ ଚାନ୍ଦୁଆ ଆକୃତିର ପାରମ୍ପରିକ ଦେବଦେବୀଙ୍କ ଆୟୁଧର ଚିତ୍ରକୁ ରଖାଯାଇଥାଏ। ତେବେ ଗୋଟିଏ ଗୋଟିଏ ବିମାନ ପ୍ରାୟ ୬/୭ ଫୁଟ୍ ଉଚ୍ଚତାର ହୋଇଥାଏ। ସେହିପରି ୪/୪ ଫୁଟ୍ ସାଇଜ୍ ଅନୁସାରେ ଦୋଳବିମାନ ତିଆରି ହୋଇଥାଏ।' ଏହି ବିମାନ ତିଆରି ସମ୍ପର୍କରେ ବିଜୟ ମହାରଣା କୁହନ୍ତି, 'ଆଜିକାଲି କେତେକ ଗାଁରେ ଦୋଳବିମାନକୁ କାନ୍ଧରେ ନ ବୋହି ଶଗଡ଼ି ଲଗାଇଥିବା ଯୋଗୁ ଏବେ କେତେକ ଅଞ୍ଚଳକୁ ଚକା ତିଆରିକରି ପଠେଇଛୁ। ତେବେ ଗୋଟିଏ ବିମାନ ତିଆରି ପାଇଁ ପ୍ରାୟ ୧ରୁ ଦେଢ଼ମାସ ସମୟ ଲାଗିଥାଏ। ଏଥିରେ ୨/୩ ଜଣ କାରିଗର ଲାଗିଥାନ୍ତି। ଏମିତିରେ




ମୂଲ୍ୟବାନ୍ କାଠ ଓ ଖୋଦେଇ କାରୁକାର୍ଯ୍ୟ ଅନୁସାରେ ଦୋଳବିମାନର ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ। ତଥାପି ଗୋଟିଏ ଗୋଟିଏ ଦୋଳବିମାନ ୨୫ରୁ ୬୦ ହଜାର ଟଙ୍କାରେ ବିକ୍ରି ହୋଇଥାଏ। ଗୋକୁଳପୁର, କଣ୍ଡପୁର, ଗୋରୁଆଳ, ଅଙ୍କିପାଟଣା, ଆମ୍ବପଡ଼ା, ସଇଁକରା, ୩କୁଦି, ୧ମ ଶ', ୨ୟ ଶ' ଆଦି ଗ୍ରାମ ପାଇଁ ଦୋଳପର୍ବ ନିମନ୍ତେ କାଠରେ ଦୋଳବିମାନ ତିଆରି କରିଥିଲୁ। ତେବେ ଓଡ଼ିଶାର ଅନ୍ୟ କେତେକ ଜିଲାରେ ଦୋଳବିମାନ କାରିଗର ରହିଥିବା ବେଳେ ମଦନମୋହନ ଦୋଳର ସ୍ୱତନ୍ତ୍ରତା ରହିଛି।' ଏହି ଗାଁର ଅନ୍ୟଜଣେ କାରିଗର ବିଘ୍ନାଧର ମହାରଣା କୁହନ୍ତି, 'ପାରମ୍ପରିକ ରୀତିନୀତିରେ ବିଭିନ୍ନ ମାପ ଅନୁସାରେ ଦୋଳବିମାନ ନିର୍ମାଣ କରାଯାଇଥାଏ। ଏହା ଦେବ ଉପଯୋଗୀ ହୋଇଥିବାରୁ ଏଥିପାଇଁ ଆମକୁ ନିମନ୍ତ୍ରଣ କରାଯାଇଥାଏ। ବିଭିନ୍ନ ସ୍ଥାନରେ ଆୟୋଜିତ ଦୋଳ ମେଳଣକୁ ଯାଇ ବିମାନଗୁଡ଼ିକୁ ଦେଖିଲେ ଖୁସି ଲାଗେ। ଏ ନେଇ ଗର୍ବ ଅନୁଭବ କରିଥାଉ। ଯୁଗ ଯୁଗ ଧରି ଏପରି ପାରମ୍ପରିକ ବିଧିରେ କାଠର ଦୋଳବିମାନ ବ୍ୟବହାର କରାଯାଉଥିବାରୁ ଓଡ଼ିଆ କାରିଗରି କଳା ବଞ୍ଚି ରହିଛି। ଏହି ଗାଁ ବ୍ୟତୀତ ବ୍ରହ୍ମଗିରିର ଡାହାଣିଆ, ଜଟଣୀ, ଚନ୍ଦନପୁର, ଗୋପ, ବାଣପୁର ଓ ରଣପୁର ଆଦି ଅଞ୍ଚଳରେ ମଧ୍ୟ ଦୋଳବିମାନ ତିଆରି ହୋଇଥାଏ।

**ଖଣ୍ଡାୟତ ପାଟଣା କାରିଗରଙ୍କ ପରିଚୟ ସ୍ୱତନ୍ତ୍ର–** ପୁରୀ ଜିଲାର ବଳଙ୍ଗା ବଜାରଠାରୁ ପ୍ରାୟ ଦୁଇ କି.ମି ଦୂରରେ ରହିଛି ଖଣ୍ଡାୟତ ପାଟଣା ଗ୍ରାମ। ଏହି ଗ୍ରାମରେ ବାସ କରୁଥିବା ମହାରଣା ପରିବାରଙ୍କ ମଧ୍ୟରେ ସ୍ୱର୍ଗତ ଗଦାଧର ମହାରଣାଙ୍କ ପରିବାର ପ୍ରାୟ ୫ପୁରୁଷ ଧରି ଦୋଳବିମାନ ନିର୍ମାଣ କରି ଆସୁଛନ୍ତି। ଏମାନେ ସାଧାରଣତଃ ପଞ୍ଚମୁଖୀ ବିମାନ, ଚତୁସ୍କାମ ବିମାନ ଓ ପାଲିଙ୍କି ଆଦି ତିଆରି କରିଥାନ୍ତି। ବିମାନଗୁଡ଼ିକ ପ୍ରାୟତଃ ଗମ୍ଭାରି, ନିମ, ଶାଗୁଆନ, ଆସନ, କୁରୁମ ପ୍ରଭୃତି କାଠରେ ତିଆରି ହୋଇଥାଏ। ଏଠାରେ ତିଆରି କରାଯାଉଥିବା ଦୋଳବିମାନଗୁଡ଼ିକର ପ୍ରାୟ ୫ଟି ଚାଳିଆ ବିମାନ ତିଆରି କରାଯାଇଥାଏ। ଏହାକୁ ପଞ୍ଚମୁଣ୍ଡି ବିମାନ କହନ୍ତି। ଏହି ଗାଁର କରୁଣାକର ମହାରଣା କୁହନ୍ତି, ବଳଙ୍ଗାସ୍ଥିତ ପଣ୍ଡିମାଶାସ୍ତ ବକ୍ରେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାଙ୍କନାଥ ପଞ୍ଚଦୋଳ ଯାତ୍ରାକୁ ଆସିବା ନିମନ୍ତେ ପ୍ରାୟ ଦେଢ଼ଶହ ବର୍ଷ ପୂର୍ବେ ନିମାପଡ଼ାର ତତ୍କାଳୀନ ରାଜା ପଞ୍ଚମୁଣ୍ଡି ଦୋଳବିମାନ ଅର୍ପଣ କରିଥିଲେ। ଗଜପତିଙ୍କ ବିମାନଟି ଭାଙ୍ଗିଯିବାରୁ ସ୍ୱର୍ଗତ ଗଦାଧର ମହାରଣା ଏହାକୁ ପୁନଃ ନିର୍ମାଣ କରି ସେତେବେଳେ ନିଜର ପରାକାଷ୍ଠ ଦେଖାଇଥିଲେ। ଏବେ ଏହି କାମର ମଙ୍ଗ ଧରିଛୁ ମୁଁ ଏବଂ ମୋର ଭାଇ ରତ୍ନାକର ମହାରଣା। ଏବେ ନାତି ଯୁଷ୍ଟିଷ୍ଠିର ଏବଂ ନକୁଳ ଏଥିରେ ସହଯୋଗ କରୁଛନ୍ତି। ଗୋଟିଏ ବିମାନ ତିଆରି କରିବା ପାଇଁ ପ୍ରାୟ ୪ରୁ ୫ମାସ ସମୟ ଲାଗିଥାଏ। ରତ୍ନାକର ମହାରଣା କୁହନ୍ତି, 'ଆମପରିବାର ପ୍ରାୟ ଶତାଧିକ ଦୋଳବିମାନ ନିର୍ମାଣ କରି ଓଡ଼ିଶାର ବିଭିନ୍ନ ସ୍ଥାନକୁ ପଠାଇଛୁ। ଏପରି କି ଓଡ଼ିଶାର କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ, ଆଳି, ବ୍ରହ୍ମପୁର, ପାରିକୁଦ,









ଜଗତ୍‌ସିଂହପୁର, ପାରାଦୀପ, ଖୋର୍ଦ୍ଧା ଆଦି ସ୍ଥାନକୁ ଦୋଳବିମାନ ପଠାଇଛୁ। ଆଜକୁ ପ୍ରାୟ ୪୦ବର୍ଷ ତଳେ ଗୋଟିଏ ଦୋଳବିମାନର ମୂଲ୍ୟ ୧ ହଜାରରୁ ୨ହଜାର ମଧ୍ୟରେ ପଡୁଥିଲା। ଏବେ ଗୋଟିଏ ଗୋଟିଏ ଦୋଳବିମାନର ମୂଲ୍ୟ ଉଚ୍ଚତା ଓ କାରୁକାର୍ଯ୍ୟ ଅନୁଯାୟୀ ପ୍ରାୟ ଲକ୍ଷାଧିକ ଟଙ୍କା ପଡୁଛି। ଚଳିତବର୍ଷ କାଠର କାରୁକାର୍ଯ୍ୟପୂର୍ଣ୍ଣ ଗୋଟିଏ ସୁନ୍ଦର ଦୋଳବିମାନକୁ ପ୍ରାୟ ୨ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା। ଦୋଳର ଖୋଲା ପଗଡ଼, ଖୋରାବାଡ଼, ଚକଡ଼ା, ସିଂହାବାଡ଼, ସିଂହାସନ, ଖୁଣ୍ଟ, ମେହରାବି, ଚାନ୍ଦ ଆଦି ସଂଯୋଗ କରାଯିବା ପରେ ଦୋଳବିମାନ ପୂର୍ଣ୍ଣାଙ୍ଗ ହୋଇଥାଏ। ଏଥିରେ କାଠରେ କୃଷ୍ଣଲୀଳା, ମୟୂର, ବୃଷଭ, ଶୁଆ-ଶାରୀ, ନବଗୁଞ୍ଜର, ହାତୀ, ହଂସ, ନର୍ତ୍ତକୀ ପ୍ରଭୃତି ତିଆରି କରାଯାଇଥାଏ। ଫଗୁଣ ମାସରେ ଦୋଳଯାତ୍ରା ହେଉଥିବାବେଳେ ଅନ୍ୟ ସମୟରେ ମଧ୍ୟ ବିଭିନ୍ନ ସ୍ଥାନର ଚଳନ୍ତି ପ୍ରତିମାଙ୍କୁ ଦୋଳବିମାନରେ ବସାଇ ସାହି ଭ୍ରମଣ କରାଯାଉଥିବାରୁ ବର୍ଷର ଅନ୍ୟ ଦିନଗୁଡ଼ିକରେ ମଧ୍ୟ ଦୋଳବିମାନ ତିଆରି ପାଇଁ ଗରାଖମାନେ ଏଠାକୁ ଆସି ଦୋଳବିମାନ କିଣି ନେଇଥାନ୍ତି। ଏହି ଦୋଳବିମାନ ତିଆରିରେ ଆମ ଓଡ଼ିଆ କାରିଗରିରଙ୍କ ଭିନ୍ନ ପରିଚୟ ରହିଛି। ଆମ ପରିବାର ବି ଏହି କାରିଗରି ପାଇଁ ବେଶ୍ ସୁରୁଖୁରୁରେ ଚଳୁଛୁ।

**ଫତେପୁର ଗାଁର ଦୋଳ କାରିଗର–** ପୁରୀଜିଲାର କୃଷ୍ଣପ୍ରସାଦ ବ୍ଲକ ଅଧୀନ ଫତେପୁର, ଗାଁ। ଏଠାକାର ବାସିନ୍ଦା ହେଲେ ସୁରେଶ ଚନ୍ଦ୍ର ପଲେଇ। ବୟସ ୫୧ ବର୍ଷ। ସେ ଜଣେ ଦୋଳ ଓ ମେଢ କାରିଗର ଭାବେ ପାରିକୁଦ -ମାଲୁଦ ଅଞ୍ଚଳରେ ବେଶ୍ ଜଣାଶୁଣା। ମାଲୁଦରେ ପ୍ରତିବର୍ଷ ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ହେଉଛି ସୁସଜ୍ଜିତ ବିମାନ। ଯାହାକୁ ତିଆରି କରିବାର ଶ୍ରେୟ ତାଙ୍କୁ ଯାଏ। ସେ କୁହନ୍ତି,'୭ମ ଶ୍ରେଣୀରେ ପଢ଼ିବା ବେଳରୁ ମୁଁ ମେଢ଼ ତିଆରି କାମ ଆରମ୍ଭ କରିଛି। ତା'ପରେ ଦୋଳବିମାନ ତିଆରି କାମରେ ମନୋନିବେଶ କଲି। ମୋର ପେସା ଶିକ୍ଷକତା।ହେଲେ ନିଶା ସୁସଜ୍ଜିତ ଦୋଳବିମାନ ଓ ମେଢ଼ତିଆରି କରିବା। ଗୋଟିଏ ଦୋଳବିମାନ ତିଆରି କରି ବିକ୍ରି କଲେ ପ୍ରାୟ ୩୦ହଜାରରୁ ୧ଲକ୍ଷ ଟଙ୍କା ମିଳେ। ଏଥିପାଇଁ ୩ରୁ ୪ ଜଣ କାରିଗର ୮ଦିନରୁ ୧୦ ଦିନ ପରିଶ୍ରମ କରି ଦୋଳବିମାନ ନିର୍ମାଣ କରିଥାନ୍ତି। ଏଥିପାଇଁ ଗମ୍ଭାରି, ନିମ, ଶାଗୁଆନ, ଆସନ, କୁରୁମ ପ୍ରଭୃତି ବିଭିନ୍ନ କାଠ ସଂଗ୍ରହ କରିବାକୁ ପଡ଼ିଥାଏ। ଏହା ବ୍ୟତୀତ ଗ୍ରାମରେ ଠାକୁରଙ୍କ ନିମନ୍ତେ ମେଢ଼ ତିଆରି କରିବାରେ ଯାହାକିଛି ଦକ୍ଷିଣା ଖୁସିରେ ମିଳିଥାଏ ତାକୁ ସମସ୍ତେ ବାଣ୍ଟି ନେଇଥାଉ।

ଏମାନଙ୍କ ବ୍ୟତୀତ ଓଡ଼ିଶାର ପୁରପଲ୍ଲୀରେ ଆହୁରି ଅନେକ ମହାରଣା ଅଛନ୍ତି, ଯେଉଁମାନେ ଦୋଳବିମାନ ତିଆରି କରିବାରେ ସିଦ୍ଧହସ୍ତ। ଦୋଳବିମାନର ସୂକ୍ଷ୍ମ କାରିଗରି ଏମାନଙ୍କୁ ଦେଇଥାଏ ସ୍ୱତନ୍ତ୍ର ପରିଚୟ।

**-ବନବିହାରୀ ବେହେରା, କୈଳାସ ପଟ୍ଟନାୟକ**



# ବିଦେଶରେ ହୋଲି

**ହୋଲି ! ରଙ୍ଗ ଅବିରର ପର୍ବ । ରାଗ, ଅଭିମାନ ଭୁଲି ଭାଇଚାରା ଓ ସଦ୍ଭାବନା ବଢ଼ାଇବାର ପର୍ବ । ସେଇଥିପାଇଁ ତ ଏହି ପର୍ବକୁ ପ୍ରତୀକ୍ଷା ଥାଏ ସମସ୍ତଙ୍କର। ତେବେ ଖାଲି ଭାରତ ନୁହେଁ ଏହି ପର୍ବର ଲୋକପ୍ରିୟତା ଏତେ ଯେ, ବିଦେଶରେ ବି ପାଳନ ହୁଏ ବେଶ୍ ଧୁମ୍‌ଧାମରେ । ବିଦେଶରେ କେଉଁଠି କେମିତି ପାଳନ ହୁଏ ହୋଲି ଜାଣନ୍ତୁ ସେ ସମ୍ପର୍କରେ...**



**ନେପାଳ:** ଭାରତ ପରେ ନେପାଳରେ ହୋଲି ସବୁଠୁ ଅଧିକ ଜାକଜମକରେ ପାଳନ କରାଯାଏ । ଏଠାରେ ହୋଲି 'ଫଗୁ ପୂର୍ଣ୍ଣିମା' ଭାବେ ପରିଚିତ । ନେପାଳୀ ଫାଲଗୁନ ମାସ ପୂର୍ଣ୍ଣିମା ଦିନରେ ଏହା ପାଳିତ ହୁଏ । ହୋଲିକୁ ଏଠାରେ ରାଷ୍ଟ୍ରୀୟ ପର୍ବଭାବେ ପାଳନ କରାଯାଏ । ସପ୍ତାହେ ଆଗରୁ ଏଠି ସେଲିବ୍ରେଶନ୍ ଆରମ୍ଭ ହୋଇଯାଏ । କାଠମାଣ୍ଡୁ, ନାରାୟଣଗଡ଼, ପୋଖରା, ଇଟାହରୀ ଆଦି ସ୍ଥାନରେ ହୋଲି ପାଇଁ ପାରମ୍ପରିକ କନସର୍ଟ ଆୟୋଜନ କରାଯାଏ ।

**ମରିସସ୍:** ମରିସସ୍‌ରେ ହୋଲି ଏକ ରାଷ୍ଟ୍ରୀୟ ଉତ୍ସବ । ଦୁଇ ଦିନ ପାଳନ ହୁଏ ଏହି ପର୍ବ । ଉତ୍ତର ପ୍ରଦେଶ ଓ ବିହାରରେ ଯେମିତି ହୋଲି ପାଳନ କରାଯାଏ ଏଠାରେ ସେମିତି ପାଳନ ହୁଏ । ହୋଲିକା ଦହନ ସହ ନାଚ, ଗୀତ ଓ ରଙ୍ଗ ଖେଳ ଏହି ମହୋତ୍ସବର ଅଂଶ । ଏଠାରେ ବହୁଳ ମାତ୍ରାରେ ଭାରତୀୟ ରହୁଥିବାରୁ ଏଠାରେ ପରିବେଷଣ ହେଉଥିବା ପାରମ୍ପରିକ ନୃତ୍ୟ, ଗୀତ ସହ ଭାରତୀୟ ସାମଞ୍ଜସ୍ୟ ଥାଏ ।



**ଫିଜି:** ଫିଜିରେ ହୋଲିକୁ 'ଫଗୁଆ' କୁହାଯାଏ । ଏଠାରେ ହୋଲିକା ଦହନରୁ ହୋଲି ସେଲିବ୍ରେଶନ ଆରମ୍ଭ ହୁଏ । ତା' ପରଦିନ ରାସ୍ତାଘାଟ ଓ ଗଳିକନ୍ଦିରେ ଲୋକେ ଗୁଲାଲ ଓ ରଙ୍ଗରେ ହୋଲି ଖେଳନ୍ତି । ଏଠାରେ ଥିବା ଇଣ୍ଡୋ ଫିଜିୟାନ ସମୁଦାୟ ପାରମ୍ପରିକ ଗୀତ ଓ ନୃତ୍ୟରେ ରାଧା କୃଷ୍ଣଙ୍କ ପ୍ରେମକୁ ଦର୍ଶାଇଥାନ୍ତି । ତା'ସହ ରଙ୍ଗିନ ମହୋତ୍ସବ ଓ ପରଫ୍ୟୁମ ଏହି ପର୍ବର ମୁଖ୍ୟ ଆକର୍ଷଣ ସାଜେ ।



**ତ୍ରିନିଦାଦ ଓ ଟୋବେଗୋ:** ବହୁ ସଂଖ୍ୟକ ଭାରତୀୟ ଥିବା ଟୁଇନ୍ ଆଇଲାଣ୍ଡର ଦେଶ ତ୍ରିନିଦାଦ ଓ ଟୋବେଗୋରେ ବି ହୋଲିକୁ ଧୁମଧାମ୍‌ରେ ପାଳନ କରାଯାଏ । ଏଠି ଏହା 'ଫଗୱା' ନାମରେ ପାଳନ କରାଯାଏ । ଢୋଲ ଓ ମଜିରା ବଜାଇ ସ୍ୱତନ୍ତ୍ର ଲୋକଗୀତ 'ଚାଉତାଲ'ର ଆସର ଜମେ । ଲୋକେ ପରସ୍ପରକୁ ରଙ୍ଗ ଲଗାଇବା ସହ ମିଠା ଖୁଆନ୍ତି । ଭାରତୀୟ ପରମ୍ପରା ସହ କାରବୀୟନ ସଙ୍ଗୀତର ଅପୂର୍ବ ସଙ୍ଗମରେ ରଙ୍ଗର ଖେଳ ପାଳିତ ହୁଏ ।



**ଗୁୟାନା ଓ ସୁରିନେମ:** ଗୁୟାନାରେ ହୋଲିକୁ 'ଫଗୱାହ' କୁହାଯାଏ । ଏହିଦିନ ପବ୍ଲିକ ହଲିଡେ' ଥାଏ । ଖାସ୍‌କରି ଜର୍ଜଟାଉନରେ ହୋଲି ପାଳନ ହୁଏ । ସହରରେ ସବୁ ଜାତି, ଧର୍ମ ଓ ଶ୍ରେଣୀର ଲୋକେ ବହୁ ଆଡ଼ମ୍ବରରେ ବେଶ୍ ମଜାରେ ରଙ୍ଗର ଏହି ଉତ୍ସବକୁ ପାଳନ କରିଥାନ୍ତି । ସୁରିନେମରେ ହୋଲିଦିନ ହୁଏ ରାଷ୍ଟ୍ରୀୟ ଛୁଟି । ଏହିଦିନ ସମସ୍ତେ ପୁରୁଣା ଧଳାବସ୍ତ୍ର ପିନ୍ଧି ରଙ୍ଗର ଏହି ପର୍ବର ମଜା ଉଠାନ୍ତି ।

**ଆମେରିକା:** ଆମେରିକାସ୍ଥ ନ୍ୟୁ ଜର୍ସିର ନ୍ୟୁ ବ୍ରନ୍ସୱିକ, ଉତାହର ସ୍ପାନିଶ ଫୋର୍କ, ଟେକ୍ସସ୍‌ର ହ୍ୟୁଷ୍ଟନ, କାଲିଫର୍ନିଆର ପାଞ୍ଚୋଟି ସ୍ଥାନ ସହ ନ୍ୟୁୟର୍କ, ସିକାଗୋ, ଟାମ୍ପା, ବୋଷ୍ଟନ ଆଦି ସ୍ଥାନରେ ବହୁ ଆଡ଼ମ୍ବରରେ ହୋଲି ପାଳନ କରାଯାଏ । ଫେଷ୍ଟିଭାଲ ଅଫ୍ କଲର୍ସ ନାମରେ ପାଳନ ହେଉଥିବା ଏହି ଉତ୍ସବ ପୃଥିବୀର ସବୁଠାରୁ ବଡ଼ ଅନ୍ତଃରାଷ୍ଟ୍ରୀୟ ହୋଲି ଆୟୋଜନ ମଧ୍ୟରେ ଅନ୍ୟତମ ।

**ବ୍ରିଟେନ:** ଲଣ୍ଡନ ଓ ଲିସେଷ୍ଟର ଭଳି ସହରରେ ବଡ଼ ଧରଣର ହୋଲି ମହୋତ୍ସବ ପାଳନ କରାଯାଏ । ଯେଉଁଥିରେ ଭାରତୀୟ ଭୋଜନ, ନୃତ୍ୟ ଓ ସଙ୍ଗୀତ ପ୍ରମୁଖ ଆକର୍ଷଣ ସାଜେ ।

**ଅଷ୍ଟ୍ରେଲିଆ:** ଅଷ୍ଟ୍ରେଲିଆର ସିଡ୍‌ନୀ ଓ ମେଲବୋର୍ନ ସହରରେ ବି ହୋଲିର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୁଏ । ସିଡ୍‌ନୀର ହୋଲି ମହୋତ୍ସବ ତ ସବୁଠୁ ପ୍ରସିଦ୍ଧ । ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରଙ୍ଗ ଖେଳ ବେଶ୍ ଜମେ ।

**ଦକ୍ଷିଣ ଆଫ୍ରିକା, କାନାଡା ଓ ସିଙ୍ଗାପୁର:** ଏହି ଦେଶଗୁଡ଼ିକରେ ବି ଭାରତୀୟ ସମୁଦାୟ ଓ ସ୍ଥାନୀୟ ଅଧିବାସୀ ମିଳିମିଶି ଧୁମ୍‌ଧାମ୍‌ରେ ହୋଲି ପାଳନ କରନ୍ତି । ବଲିଉଡ୍ ମ୍ୟୁଜିକ୍‌ର ତାଳେ ତାଳେ ନୃତ୍ୟ କରନ୍ତି ଓ ପରସ୍ପରକୁ ରଙ୍ଗ ଲଗାନ୍ତି ।



# ବିଜ୍ଞାନ ପାଇଁ ସମର୍ପିତ



**ଭା**ରତୀୟ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଜଣେ ଆଦରଣୀୟ ବ୍ୟକ୍ତିତ୍ୱ ପ୍ରଫେସର **ହିମାଂଶୁ ଶେଖର ବିଶ୍ୱାଳ** । ପିତା ସ୍ୱର୍ଗତ ହୃଷିକେଶ ବିଶ୍ୱାଳ ଓ ମା' ସୁଷମା ବିଶ୍ୱାଳ । ଯାଜପୁର ଜିଲା ବରୀ ଅନ୍ତର୍ଗତ ରମ୍ଭା ଗ୍ରାମର ଏକ ସାଧାରଣ ଚାଷୀ ପରିବାରରେ ତାଙ୍କର ଜନ୍ମ । ବିଶେଷ ସ୍ୱଚ୍ଛଳ ନ ଥିଲା ପରିବାର । ଅଭାବ ଅନଟନ ଭିତରେ କଟିଥିଲା ତାଙ୍କର ପିଲାଦିନ । ହେଲେ ଆର୍ଥିକ ସମସ୍ୟା ତାଙ୍କ ପାଠ ପଢ଼ିବାର ଏକାଗ୍ରତା ଆଗରେ ହାର ମାନିଥିଲା । ଡାକ୍ତର ହେବାକୁ ସ୍ୱପ୍ନ ଦେଖୁଥିବା ହିମାଂଶୁ ଶେଷରେ ବିଜ୍ଞାନକୁ ନିଜର ବୃତ୍ତିଭାବେ ବାଛିଥିଲେ ।

୧୯୯୫ ମସିହାରେ ବରୀସ୍ଥିତ କୃପାସିନ୍ଧୁ ବିଦ୍ୟାଭବନରୁ ହାଇସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ସେ ଭଦ୍ରକ କଲେଜରେ ଅଧ୍ୟୟନ କଲେ । ସେଠାରେ ସେ ଯୁକ୍ତ ୨ ବିଜ୍ଞାନ ଶେଷ କରିଥିଲେ ଏବଂ ୨୦୦୦ରେ ରସାୟନ ବିଜ୍ଞାନରେ ସ୍ନାତକ ହାସଲ କରିବା ସହ ଶ୍ରେଷ୍ଠ ସ୍ନାତକ ସମ୍ମାନ ପାଇଥିଲେ । ୨୦୦୨ ମସିହାରେ ସେ ବାଣୀବିହାର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗରୁ ଅର୍ଗାନିକ କେମିଷ୍ଟ୍ରିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ଏବଂ ସେଠାରେ ଶ୍ରେଷ୍ଠ ଛାତ୍ର ଭାବେ ସମ୍ମାନିତ ହୋଇଥିଲେ । ୨୦୦୯ରେ ସେ ମୁମ୍ବାଇ ସ୍ଥିତ ଟାଟା ଇନ୍ଷ୍ଟିଚ୍ୟୁଟ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚରୁ ପ୍ରଫେସର ସଞ୍ଜୟ ୱାଟେଗାଓଁକରଙ୍କ ତତ୍ତ୍ୱାବଧାନରେ ପିଏଚ.ଡି. ହାସଲ କରିଥିଲେ । ଡ. ହୋମି ଜେ. ଭାବାଙ୍କ ଦ୍ୱାରା ପ୍ରତିଷ୍ଠିତ ଭାରତର ଏହି ଅଗ୍ରଣୀ ଅନୁସନ୍ଧାନ ପ୍ରତିଷ୍ଠାନ ଟିଆଇଏଫଆର୍‌ରୁ ରସାୟନ ବିଜ୍ଞାନରେ ପିଏଚ.ଡି. କରିଥିବା ଓଡ଼ିଶାର ଅଳ୍ପ କେତେଜଣ ବିଦ୍ୱାନଙ୍କ ମଧ୍ୟରେ ସେ ଜଣେ । ହାଇଡ୍ରୋଜେନ ବଣ୍ଡିଂ ଯାହା ଡିଏନ୍ଏର ଦ୍ୱି-କୁଣ୍ଡଳୀ ଗଠନ ଏବଂ ବିଭିନ୍ନ ସୁପ୍ରାମୋଲିକ୍ୟୁଲାର ଗଠନ ପାଇଁ ଦାୟୀ ଏକ ଆନ୍ତଃ-ଆଣବିକ ବଳ ତାହା ଉପରେ ତାଙ୍କର ଯୁଗାନ୍ତକାରୀ ଗବେଷଣା ପାଇଁ ତାଙ୍କୁ ଶ୍ରେଷ୍ଠ ପିଏଚ.ଡି. ଥେସିସ୍ ପୁରସ୍କାର ପ୍ରଦାନ କରାଯାଇଥିଲା ।









ଏହି ସମୟ ମଧ୍ୟରେ ସେ ଡ. ହିରଣ୍ମୟୀ ଶତପଥୀଙ୍କୁ ବିବାହ କରିଥିଲେ, ଯିଏ ବର୍ତ୍ତମାନ ଆଇଆଇଆଇଟି, ଭୁବନେଶ୍ୱରରେ ରସାୟନ ବିଜ୍ଞାନର ପ୍ରଫେସର ଭାବରେ କାର୍ଯ୍ୟରତ । ତାଙ୍କର ଅଂଶୁଲିମା ନାମକ ଜଣେ କନ୍ୟା ସନ୍ତାନ ଅଛନ୍ତି । ୨୦୦୯ରୁ ୨୦୧୧ ପର୍ଯ୍ୟନ୍ତ ସେ ଫ୍ରାନ୍ସର ପ୍ୟାରିସରେ ସିଏନ୍ଆର୍ଏସ୍ ଫେଲୋଶିପ ସହ ପ୍ରଫେସର ମିଚେଲ ମନ୍ସଙ୍କ ଅଧୀନରେ ନିଜର ପ୍ରଥମ ପୋଷ୍ଟ-ଡକ୍ଟରାଲ ଗବେଷଣା କରିଥିଲେ । ଏହାପରେ ସେ ଆମେରିକାର ମିଚିଗାନ ବିଶ୍ୱବିଦ୍ୟାଳୟ, ଆନ ଆର୍ବରକୁ ଦ୍ୱିତୀୟ ପୋଷ୍ଟ-ଡକ୍ଟରାଲ ପାଇଁ ଯାଇଥିଲେ, ଯେଉଁଠାରେ ସେ ପ୍ରଫେସର ଜେନିଫର ଓଗିଲଭିଙ୍କ ସହ ଫଟୋସିନ୍ଥେଟିକ ରିଆକ୍ସନ ସେଣ୍ଟରର '୨ଡ଼ି ଇଲେକ୍ଟ୍ରୋନିକ ସ୍ପେକ୍ଟ୍ରୋସ୍କୋପି' ଉପରେ କାର୍ଯ୍ୟ କରିଥିଲେ । ୨୦୧୨ରେ ସେ ଭୁବନେଶ୍ୱର ସ୍ଥିତ ନାଇଜରର ସ୍କୁଲ ଅଫ୍ କେମିକାଲ ସାଇନ୍ସେସ (ଏସ୍‌ସିଏସ୍)ରେ ଡିଏସ୍‌ଟି -ଇନ୍ସପାୟର ଫ୍ୟାକଲ୍ଟି ଭାବରେ ଯୋଗ ଦେଇଥିଲେ । ବର୍ତ୍ତମାନ ସେ ନାଇଜର୍, ଭୁବନେଶ୍ୱରରେ ଜଣେ ପ୍ରଫେସର ଭାବରେ କାର୍ଯ୍ୟରତ । ସେ ଲେଜର ସ୍ପେକ୍ଟ୍ରୋସ୍କୋପି ଏବଂ ବୈଜ୍ଞାନିକ ଯନ୍ତ୍ରପାତି ନିର୍ମାଣ କ୍ଷେତ୍ରରେ ଜଣେ ଅଗ୍ରଗଣ୍ୟ ବୈଜ୍ଞାନିକ । ଓଡ଼ିଶାରେ ସେ ପ୍ରଥମ ବୈଜ୍ଞାନିକ ଭାବରେ ଏକ 'ସୁପରସୋନିକ ଜେଟ୍ ସ୍ପେକ୍ଟ୍ରୋସ୍କୋପି' ଲାବରେଟୋରି ଏବଂ ଏକ 'ମ୍ୟାଟ୍ରିକ୍ସ ଆଇସୋଲେଶନ ଭାଇବ୍ରେସନାଲ ସର୍କୁଲାର୍ ଡାକ୍ରୋଇଜିମ' ଗବେଷଣାଗାର ପ୍ରତିଷ୍ଠା କରିଛନ୍ତି । 'ସଲଫର-ସେଣ୍ଟର୍ଡ ହାଇଡ୍ରୋଜେନ ବଣ୍ଡିଂ' ଉପରେ ତାଙ୍କର ମୌଳିକ ଗବେଷଣା ବିଶ୍ୱସ୍ତରୀୟ ବୈଜ୍ଞାନିକ, ଯେପରି କି ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ରିଚାର୍ଡ ଜାରେ ଏବଂ ନୋବେଲ ବିଜେତା ପ୍ରଫେସର ଆରିଏ ୱାରସେଲଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ୧୦୦ରୁ ଅଧିକ ଗବେଷଣାତ୍ମକ ପ୍ରକାଶନ ସହ ତାଙ୍କର କାର୍ଯ୍ୟ 'କେମିଷ୍ଟ୍ରି ୱାର୍ଲ୍ଡ' ଭଳି ପ୍ରତିଷ୍ଠିତ ଆନ୍ତର୍ଜାତିକ ପତ୍ରିକାରେ ମଧ୍ୟ ସ୍ଥାନ ପାଇଛି ।

ଗ୍ରାମାଞ୍ଚଳର ଛାତ୍ରୀଛାତ୍ର ଏବଂ ଆଧୁନିକ ଗବେଷଣା ମଧ୍ୟରେ ଥିବା ବ୍ୟବଧାନକୁ ଅନୁଭବ କରି ପ୍ରଫେସର ବିଶ୍ୱାଳ ଏବଂ ତାଙ୍କ ଦଳ "ViLEG" (Virtual Laboratory Experiments for Graduates) ନାମକ ଏକ ସଫ୍ଟୱେର୍ ବିକଶିତ କରିଛନ୍ତି । ଏହି ଅଭିନବ ସଫ୍ଟୱେର୍ ମାଧ୍ୟମରେ ଛାତ୍ରୀଛାତ୍ରମାନେ ଅତ୍ୟାଧୁନିକ ବୈଜ୍ଞାନିକ ଯନ୍ତ୍ରପାତିଗୁଡ଼ିକର ଭର୍ଚୁଆଲ ଆକ୍ସେସ କରିପାରୁଛନ୍ତି । ବିଶେଷକରି କୋଭିଡ୍-୧୯ ମହାମାରୀ ସମୟରେ, ଯେତେବେଳେ ପ୍ରୟୋଗଶାଳାଗୁଡ଼ିକ ବନ୍ଦ ଥିଲା, ସେତେବେଳେ ଏହି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥିଲା । ଦି ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ୨୦୨୨ରେ ViLEG ର ପ୍ରଭାବଶାଳୀ ଭୂମିକା ଉପରେ ଏକ ସ୍ୱତନ୍ତ୍ର ରିପୋର୍ଟ ପ୍ରକାଶ ପାଇଥିଲା ।

ଏହି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରଫେସର ବିଶ୍ୱାଳଙ୍କୁ ଓଡ଼ିଶା ସିଟିଜେନ ଆୱାର୍ଡ ୨୦୨୫ର ଶିକ୍ଷା ବିଭାଗରେ ଶ୍ରେଷ୍ଠ ତିନିଜଣଙ୍କ ମଧ୍ୟରେ ସ୍ଥାନିତ କରାଯାଇଛି । ନିକଟରେ ଶିକ୍ଷାଦାନରେ ଉତ୍କର୍ଷ ଏବଂ ବିଜ୍ଞାନ ପ୍ରସାର କାର୍ଯ୍ୟକ୍ରମ ପାଇଁ ସେ ଓଡ଼ିଶା ରାଜ୍ୟପାଳଙ୍କଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି ।

ବୈଜ୍ଞାନିକ ଦକ୍ଷତା ବ୍ୟତୀତ ପ୍ରଫେସର ବିଶ୍ୱାଳ ଜଣେ ଅତ୍ୟନ୍ତ ଛାତ୍ରବତ୍ସଳ ଓ ଦରଦୀ ଶିକ୍ଷକ ଭାବରେ ବେଶ୍ ପରିଚିତ । ଅବସର ସମୟରେ ସେ କବିତା ଲେଖିବାକୁ ଭଲ ପାଆନ୍ତି । ତାଙ୍କ ରଚିତ ଅନେକ କବିତା ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ପତ୍ରପତ୍ରିକାରେ ନିୟମିତ ପ୍ରକାଶ ପାଇଛି । ବିଜ୍ଞାନକ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ ଦେଶ ଓ ବିଦେଶରୁ ଅନେକ ସ୍ୱୀକୃତି ଓ ସମ୍ମାନ ପାଇଛନ୍ତି । ଯାହାମଧ୍ୟରେ ✲ ବ୍ରିଟେନର ରୟାଲ ସୋସାଇଟି ଅଫ୍ କେମିଷ୍ଟ୍ରିର ଜଣେ ସମ୍ମାନିତ ଫେଲୋ । କେମିକାଲ ରିସର୍ଚ୍ଚ ସୋସାଇଟି ଅଫ ଇଣ୍ଡିଆ ପକ୍ଷରୁ ବ୍ରୋଞ୍ଜ ମେଡାଲ । କଭର୍ ଫିଚର: ୨୦୧୯ରେ 'The Journal of Physical Chemistry C' ପତ୍ରିକାର ପ୍ରଚ୍ଛଦରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଯୁବ ଭୌତିକ ରସାୟନବିତ୍ ଭାବେ ସ୍ଥାନ ପାଇଥିଲେ । ସମ୍ପାଦନା ମଣ୍ଡଳୀ ସେ The Journal of Physical Chemistry Letters (ACS) ଏବଂ PCCP (RSC) ଭଳି ବିଶ୍ୱବିଦିତ ବୈଜ୍ଞାନିକ ପତ୍ରିକାର ସମ୍ପାଦନା ପରାମର୍ଶଦାତା ମଣ୍ଡଳୀର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି । ଏହାଛଡ଼ା ସେ DST-INSPIRE ଫ୍ୟାକଲ୍ଟି ଫେଲୋସିପ, ISRAPS ପକ୍ଷରୁ ୟଙ୍ଗ ସାଇଣ୍ଟିଷ୍ଟ ଆୱାର୍ଡ ଏବଂ କନୱାଲ ଏସ. ରେଖି କ୍ୟାରିୟର୍ ଡେଭଲପମେଣ୍ଟ ଆୱାର୍ଡ ପାଇଛନ୍ତି ।







–ପ୍ରିୟମ୍ବଦା ରଥ
(ଆର୍ କେ ପୁରମ, ନୂଆଦିଲ୍ଲୀ)
ମୋ: ୮୭୮୮୯୫୭୮୦୦



# ପୁରୁଣା ଡାଏରୀ

**– ପ୍ରହଲ୍ଲାଦ ରାଉତ**

**ବ**ହି ଥାକରୁ କିଛି ଖୋଜୁ ଖୋଜୁ ହଜିଥିବା ସେ ପୁରୁଣା ଡାଏରୀଟି ପାଇଲି, ଯେଉଁଥିରେ ତୁମେ ଦେଇଥିବା ପ୍ରଥମ ଉପହାରକୁ ମୁଁ ଲୁଚେଇ ରଖିଥିଲି।
ବୋଧହୁଏ ସେ ଉପହାରଟା କ'ଣ ତୁମେ ଭୁଲିଯାଇଛ, କିଛି କଥା ନାହିଁ ମୁଁ ମନେ ପକେଇଦେଉଛି,
ଅଧିକ ଦାମିକିଆ ନଥିଲା କିନ୍ତୁ ସେ ତିନି ଟଙ୍କିଆ କଲମକୁ ଦେଖିଲେ, ଆଜିବି ତୁମକଥା ବହୁତ ମନେପଡୁଛି।
କ'ଣ ପାଇଲ ମୋତେ ଏକା ଛାଡ଼ି ଦେଇ। ହୋଇପାରେ ମୁଁ ବର୍ଣ୍ଣରେ ଶ୍ୟାମଳ ଥିଲି, ବୋଧହୁଏ ଭୁଲ ମୋର ଥିଲା ଯେ, ତୁମ ବନ୍ଧୁତାକୁ ମୁଁ ପ୍ରେମ ଭାବିନେଲି।
ତୁମେ ସୁନ୍ଦରୀ ଥିଲ ବୋଲି ମୋତେ କେତେ କ'ଣ ନ କହିଛ,
ଏତେବର୍ଷ ବିତିଗଲା ପରେ ବି ଆଜି ବି ତୁମେ ଏ ହୃଦୟରେ ଅଛ ।
କଲେଜ ସମୟର ପ୍ରତ୍ୟେକ ମୂହୁର୍ତ୍ତ ଆମର ଏଇ ପୁରୁଣା ଡାଏରୀରେ ବର୍ଣ୍ଣିତ, ଭାବୁଛି ଏ ଡାଏରୀ କୁ ଚିରିଦେବି କାରଣ ଏବେ ତ ଆମେ ଦୁହେଁ ବିବାହିତ।

*–ଖେଡ଼ବାରଣା, ନୟାଗଡ଼*
*ମୋ: ୮୧୬୯୭୯୫୮୪୪*



# ଥାଅ ବା ନ ଥାଅ ତୁମେ

**– ଅଶ୍ୱିନୀ ସୂତାର**

**ମୁଁ** ଜାଣିଚି ତମେ କେବେ
ଆସିବନି ସମୁଦ୍ର କୂଳକୁ
ତମେ କାଳେ ଇର୍ଷା କର
ସମୁଦ୍ରର ଫେନିଳ ଲହଡିକୁ

ମତେ ଭଲ ଲାଗେ ଏଇ
କୂଳଛୁଆଁ ଲହଡିର ଖେଳ
ଭଲ ମଧ୍ୟ ଲାଗେ ତମ
ଓଠ ତଳେ ହସର ଲହରି।

ଫେରନ୍ତା ଲହଡି ସହ
ଅତୀତର କରେ ରୋମନ୍ଥନ
ଖୋଜେ ମଧ୍ୟ ବେଳେ ବେଳେ
ବାଲି ଉପରେ ତୁମ ପାଦ ଚିହ୍ନ,

ହସ ତୁମ ଜୀବନ ମୋ
ତୁମକୁ କି ଭୁଲି ହେଇ ପାରେ
ଥାଅ ବା ନ ଥାଅ ତୁମେ
ଥାଏ ମୁଁ ଲହଡି ପ୍ରେମରେ।

*–ଭୁବନେଶ୍ୱର,*
*ମୋ: ୯୪୩୭୦୦୮୩୪୧*

# ଫଗୁଣର ଚିଠି

**– ମିନାକ୍ଷୀ ଦ୍ୱିବେଦୀ**

**ମୃ**ଦୁ ମଳୟର ଶୀତଳ ପରଶେ
ପୁଲକିତ ଆଜି ଧରା,
ଆମ୍ର ଉପବନେ ବଉଳ ମହକେ
ମନ ହୁଏ ଆତ୍ମହରା ।
କୁହୁ କୁହୁ ରବେ କୋଇଲି ଗାଉଛି
ମଧୁର ବସନ୍ତ ଗୀତ,
ଝରା ପଲ୍ଲବର ସୁମଧୁର ରାଗେ
ବିଦାୟ ନେଉଛି ଶୀତ ।
କୋଇଲିର ସେହି ପଞ୍ଚମ ସ୍ୱରରେ
ମନ ଖୋଜେ କାହା ସ୍ମୃତି,
ବସନ୍ତ ପବନେ ଭାସି ଆସେ ଧୀରେ
ପ୍ରେମର ଅଭୁଲା ପ୍ରୀତି ।
ରସାଳ ମୁକୁଳ ସୁମଧୁର ଗନ୍ଧେ
ମତ୍ତ ହୁଏ ଚଉଦିଗ,
ଅଳି ଅଭିସାରେ କୁସୁମ କାନନେ
ଖୋଜଇ ମଧୁର ଯୋଗ ।
ନବ କିଶଳୟ ହସେ ଡାଳେ ଡାଳେ
ସବୁଜିମା ଭରେ କାୟା,
ନିଦାଘ ପୂର୍ବରୁ ପ୍ରକୃତି ରଚଇ
ଶୀତଳ ସ୍ନେହର ଛାୟା ।
ଫଗୁର ଚମକେ ରଙ୍ଗିନ୍ ଧରଣୀ
ଅବିରର ଖେଳ ଚାଲେ,
ନାଲି ପଳାଶର ଉଦ୍ଦାମ ନାଚରେ
ଅଗ୍ନିର ଝଲକ ଖେଳେ ।
ଜାତି, ଅଭିମାନ ସବୁ ପାଶୋରିକି
ଏକାକାର ହୁଏ ମନ,
ଫଗୁଣର ଏହି ରଙ୍ଗ ସିଞ୍ଚନରେ
ଉଲ୍ଲସିତ ତନୁମନ ।
ମହୁଲର ବାସ୍ନା, ଶିମୁଳିର ଶୋଭା
ମନେ ଭରେ ଶିହରଣ,
ଫଗୁଣ ଚିଠିରେ ଫୁଲର ଅକ୍ଷରେ
ହୁଏ ତା'ର ଆଗମନ ।
ବଉଳ ଶେଯରେ ଶୋଇଛି ବସନ୍ତ
ଫଗୁ–ରଙ୍ଗେ ଭିଜା କାୟା,
ସାରା ଦୁନିଆକୁ ବାଣ୍ଟଇ ନିରତ
ଅଫେରନ୍ତି ସ୍ନେହ ମାୟା ।
ପଳାଶ କିଂଶୁକ ରଙ୍ଗରେ ରଙ୍ଗିନ
ସାଜିଛି ବନାନୀ ରାଣୀ,
ପ୍ରକୃତି କୋଳରେ ଫଗୁଣ ଲେଖୁଛି
ପ୍ରେମର ଏକ କାହାଣୀ ।
*–ଗୁରୁଗ୍ରାମ, ମୋ: ୭୯୭୮୦୮୨୮୩୪*



# ରଣବୀରଙ୍କ ପ୍ରଶଂସାରେ ସାରା

ଗତବର୍ଷ ଶେଷ ଭାଗରେ ରିଲିଜ ହୋଇଥିଲା ଆଦିତ୍ୟ ଧର୍‌ଙ୍କ ନିର୍ଦ୍ଦେଶିତ 'ଧୂରନ୍ଧର'। ଏଥିରେ ରଣବୀର ସିଂ ଲିଡ୍ ରୋଲ୍‌ରେ ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଥିଲେ ସାରା ଅର୍ଜୁନ। ପ୍ରାୟ ୨୮୦ କୋଟି ବ୍ୟୟରେ ନିର୍ମିତ ଏହି ଫିଲ୍ମଟି ୧୦୦୦କୋଟିରୁ ଅଧିକ ଟଙ୍କା ଆୟ କରିବାରେ ସକ୍ଷମ ହୋଇଥିଲା। ତେବେ ଏଥିରେ ସାରା ନିଜ ଭୂମିକାର ସକ୍‌ସେସ୍‌ର ଶ୍ରେୟ ନିର୍ଦ୍ଦେଶକଙ୍କ ବ୍ୟତୀତ ରଣବୀରଙ୍କୁ ମଧ୍ୟ ଦେଇଛନ୍ତି। ସେ କହନ୍ତି, ''ଏହି ଫିଲ୍ମର ଶୁଟିଂ ସମୟରେ ରଣବୀର ମୋତେ କେତେକ ଆକ୍ଟିଂ ଟିପ୍ସ ଦେଇଥିଲେ, ଯାହା ମୋ ଭୂମିକାଟିକୁ ତୁଲାଇବାରେ ବେଶ୍ ସହାୟକ ହୋଇଥିଲା। ଏ ନେଇ ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।'' ସାରା ପ୍ରଥମେ ବିଜ୍ଞାପନରେ କାମ କରିଥିଲେ। ତାଙ୍କୁ ଯେତେବେଳେ ମାତ୍ର ଦେଢ଼ ବର୍ଷ ବୟସ ହୋଇଥିଲା ସେତେବେଳେ ତାଙ୍କୁ ପ୍ରଥମେ ଏକ ବିଜ୍ଞାପନରେ ଦେଖିବାକୁ ମିଳିଥିଲା। ତା'ପରେ ସେ ବିଜ୍ଞାପନ ଜଗତରେ ବେଶ୍ ପରିଚୟ ହାସଲ କରିଥିଲେ। ମୁମ୍ବାଇରେ ଜନ୍ମ ହୋଇଥିଲେ ମଧ୍ୟ ସେ ତାମିଲ, ହିନ୍ଦୀ ଏବଂ ମାଲାୟଲମ ଭଲ ଭାବରେ କହିପାରନ୍ତି। ଜଣେ ଶିଶୁ କଳାକାର ଭାବରେ ବି ସାରା ଲୋକପ୍ରିୟତା ଅର୍ଜନ କରିଛନ୍ତି। ଏକ ରିପୋର୍ଟ ଅନୁସାରେ ୨୦୨୨ରେ ସେ ଜଣେ ଶିଶୁ କଳାକାର ରୂପେ ସର୍ବାଧିକ ଆୟ (ପାଖାପାଖି ୧୦କୋଟି) କରିଥିଲେ। 'ଧୁରନ୍ଧର' ଫିଲ୍ମର ନାୟିକା ପାଇଁ ସେ ୧୩୦୦ ଜଣ ନବାଗତାଙ୍କ ମଧ୍ୟରୁ ସିଲେକ୍ଟ ହୋଇଥିଲେ।



ଆୟୁଷ୍ମାନ

## ଟ୍ରେନ୍‌ରେ ଗାଉଥିଲେ..

ବଲିଉଡ୍‌ରେ ଆୟୁଷ୍ମାନ ଖୁରାନା ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଛନ୍ତି। ହେଲେ ଜଣେ ଅଭିନେତା ହେବା ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି ? ସେ ବିଗ୍ ଏଫଏମ୍ ଦିଲ୍ଲୀରେ ଜଣେ ରେଡିଓ ଜକି (ଆରଜେ) ଭାବରେ କାମ କରୁଥିଲେ। କେବଳ ସେତିକି ନୁହେଁ କଲେଜରେ ପଢ଼ିବା ସମୟରେ ସେ ପକେଟ୍ ମନି ପାଇଁ ଟ୍ରେନ୍‌ରେ ବୁଲି ବୁଲି ଗୀତ ମଧ୍ୟ ଗାଉଥିଲେ। ସେତେବେଳେ ଯିଏ ଯାହା ଖୁସିରେ ଦେଉଥିଲେ ତାହାକୁ ଗ୍ରହଣ କରୁଥିଲେ। କାରଣ ଅଭିନୟ ବ୍ୟତୀତ ଗୀତ ଗାଇବା ତାଙ୍କର ଆଉ ଏକ ଅଭ୍ୟାସ। ତାଙ୍କ ଅଭିନୀତ ପ୍ରଥମ ସିନେମା 'ଭିକି ଡୋନର୍'ରେ ସେ 'ପାନି ଦା ରଙ୍ଗ'ଗୀତଟିକୁ ନିଜେ କମ୍ପୋଜ କରିବା ସହ ସ୍ୱର ମଧ୍ୟ ଦେଇଥିଲେ। କଲେଜ ସମୟରୁ ହିଁ ସେ ସମ୍ପୂର୍ଣ୍ଣ ଭାବରେ ଆକ୍ଟିଂ ମାୟାରେ ପଡିଯାଇଥିଲେ। ଏହା ତାଙ୍କର ଏଭଳି ନିଶା ପାଲଟି ଯାଇଥିଲା ଯେ ପଢୁଥିବା ଡିଏଭି କଲେଜରେ ସେ 'ଆଗାଜ୍' ଏବଂ 'ମଞ୍ଚତନ୍ତ୍ର' ନାମକ ଦୁଇଟି ଥିଏଟର ଅନୁଷ୍ଠାନ ଗଠନ କରିଥିଲେ। ତାଙ୍କର ପିଲାଦିନର ସାଥୀ ତାହିରା କଶ୍ୟପଙ୍କୁ ସେ ପରବର୍ତ୍ତୀ ସମୟରେ ଧର୍ମପତ୍ନୀ ଭାବରେ ଗ୍ରହଣ କରିଥିଲେ। ଆୟୁଷ୍ମାନଙ୍କ ବାପା ଜଣେ ପରିଚିତ ଜ୍ୟୋତିଷୀ ଏବଂ ଲେଖକ ଥିଲେ।

## ଆଚାର ପ୍ରିୟ ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଯାହା ଖାଇଲେ ମଧ୍ୟ ସେଥିରେ ଯେମିତିହେଲେ ଏହି ଆଇଟମ୍‌ଟିକୁ ରଖିବାକୁ ଭୁଲି ନ ଥାନ୍ତି। ତାହା ହେଲା ଆଚାର। ଏପରିକି ବାହାରକୁ ବୁଲିବାକୁ ଯିବାର ଯୋଜନା ଥିଲେ ବି ଏହାକୁ ପ୍ୟାକ୍ ତାଲିକାରେ ଅନ୍ତର୍ଭୁକ୍ତ କରନ୍ତି। ସବୁବେଳେ ସେ ଭାରତୀୟ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ନିଜର ଏଭଳି ଅଭ୍ୟାସ ବିଷୟରେ ପ୍ରିୟଙ୍କା କହନ୍ତି, ''ପିଲାଟି ଦିନରୁ ଆଚାର ଖାଇବା ମୋର ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା। ଏବେ ମଧ୍ୟ ମୁଁ ମୋର ଦୈନନ୍ଦିନ ଖାଦ୍ୟ ତାଲିକାରେ ଏହାକୁ ସାମିଲ କରିଥାଏ। ବାହାରକୁ ବୁଲିବାକୁ ଯିବା ବେଳେ ମୋ ବ୍ୟାଗ୍‌ରେ ପ୍ରଥମେ ଆଚାରକୁ ରଖେ। ଆଉ ଏକ କଥା। ଭାରତୀୟ ଖାଦ୍ୟ ମୋର ବେଶି ପସନ୍ଦ।'' ଅଭିନୟ ଦୁନିଆରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କର ଇଚ୍ଛା ଥିଲା, ସେ ଏରୋନଟିକ୍ ଇଞ୍ଜିନିୟରିଂ କିମ୍ବା କ୍ରିମିନାଲ ସାଇକୋଲୋଜି ପଢ଼ିଥାଆନ୍ତେ। ହେଲେ ତାଙ୍କର ଏସବୁ ଆଶା ଅପୂରଣ ରହିଗଲା। ହେଲେ ଜାଣନ୍ତି, ପ୍ରିୟଙ୍କା ପ୍ରଥମେ ବଡ ପରଦାରେ କେଉଁ ସିନେମାରେ ଅଭିନୟ କରିଥିଲେ ? ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ସେ ତାମିଲ ଫିଲ୍ମ 'ଥାମ୍ମିଜାନ୍' (୨୦୦୨)ରେ ଅଭିନୟ କରିଥିଲେ। ସେ ତାଙ୍କ ବାପାଙ୍କ ସ୍ମୃତିକୁ ମନେ ରଖିବା ପାଇଁ ନିଜ ରିଷ୍ଟରେ ଏକ ଟାଟୁ କରିଛନ୍ତି। ଯେଉଁଥିଲେ ଲେଖାଯାଇଛି 'ଡ୍ୟାଡିସ୍ ଲିଲ୍ ଗର୍ଲ'। ତାଙ୍କର ସମ୍ପର୍କୀୟ ଏବଂ ସାଙ୍ଗମାନେ ତାଙ୍କୁ ସ୍ନେହରେ 'ମିମି' ବୋଲି ଡାକନ୍ତି।


ପ୍ରିୟଙ୍କା


ସାରା

## ଏପଟେ ଖୁସି ସେପଟେ ଟେନ୍‌ସନ୍

ଆଲିୟା ଭଟ୍ଟଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର'। କରନ୍ ଜୋହରଙ୍କ ପରି ନାମୀ ପ୍ରଯୋଜକ-କମ୍-ନିର୍ଦ୍ଦେଶକ ତାଙ୍କୁ ନାୟିକା ଭାବରେ ବ୍ରେକ୍ ଦେଇଥିଲେ। ହେଲେ ଜାଣନ୍ତି-ଏଭଳି ଅଫର ତାଙ୍କ ପାଇଁ ଯେତିକି ଖୁସି ଆଣିଥିଲା ସେତିକି ଟେନ୍‌ସନ୍‌ର କାରଣ ମଧ୍ୟ ସାଜିଥିଲା। ଏହି ସମୟରେ ତାଙ୍କ ଟେନ୍‌ସନ୍‌ର କାରଣ ସାଜିଥିଲା ଓଜନ। ଏକ ସୀମିତ ସମୟ ଭିତରେ ତାଙ୍କୁ ନିଜ ଓଜନ ୧୬କିଗ୍ରା କମାଇବାକୁ ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଥିଲା। ବାସ୍, ତା'ପରେ ଏଥିରେ ସଫଳ ହେବାକୁ ଦିନରାତି ଏକାଠି କରିଦେଇଥିଲେ। ଆଉ ଶେଷରେ ଏହି ମିଶନରେ ସଫଳ ବି ହେଲେ। ସେତେବେଳେ ତାଙ୍କୁ କେତେ ବୟସ ହୋଇଥିଲା ଜାଣନ୍ତି ? ମାତ୍ର ୧୯ ବର୍ଷ। ତେବେ ଏହାପୂର୍ବରୁ ସେ ଜଣେ ଶିଶୁ କଳାକାର ଭାବରେ ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରି ସାରିଥିଲେ। ଫିଲ୍ମଟି ଥିଲା ମୁକେଶ ଭଟ୍ଟଙ୍କ ପ୍ରଯୋଜିତ ତଥା ତନୁଜା ଚନ୍ଦ୍ରାଙ୍କ ନିର୍ଦ୍ଦେଶିତ 'ସଂଘର୍ଷ'। ଏଥିରେ ସେ ପ୍ରୀତି ଜିଣ୍ଟାଙ୍କର ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ବର୍ତ୍ତମାନ ସେ ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ 'ଆଲ୍‌ଫା'ରେ ଅଭିନୟ କରୁଛନ୍ତି ଏବଂ ଏହାର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଅନ୍ୟପକ୍ଷରେ ଶୁଟିଂ ଚାଲିଥିବା 'ଲଭ୍ ଆଣ୍ଡ ୱାର୍'ରେ ଆଲିୟା ଫିମେଲ୍ ଲିଡ୍‌ରେ ଅଛନ୍ତି।


ଆଲିୟା

ନୂଆ ଧାରାବାହିକ

## 'କିଛି ସତ କିଛି ମିଛ'

ଓଡ଼ିଶାର ଅଗ୍ରଣୀ ମନୋରଞ୍ଜନ ଚ୍ୟାନେଲ 'ଜୀ ସାର୍ଥକ'ରେ ଏକ ନୂଆ ମେଗା ଧାରାବାହିକ ଆସନ୍ତା ମାର୍ଚ୍ଚ ୨ ତାରିଖ(ସୋମବାରରୁ ଶନିବାର ରାତି ୮ଟା)ରୁ ପ୍ରସାରିତ ହେବ। କେନ୍ଦ୍ରାପଡ଼ାର ଏକ ଶାନ୍ତ ଉପକୂଳବର୍ତ୍ତୀ ଗ୍ରାମର ପୃଷ୍ଠଭୂମିରେ ଆଧାରିତ ଏହି ଧାରାବାହିକରେ ଦୁଇ ଭଉଣୀଙ୍କ ଭାବପ୍ରବଣ ସମ୍ପର୍କର ଯାତ୍ରାକୁ ଦର୍ଶାଯାଇଛି। ଶାନ୍ତ ଓ ନୀତିବାନ 'ଛବି' ଏବଂ ସାହସୀ ତଥା ଜିଦ୍‌ଖୋର 'ଛାୟା'ଙ୍କ ମଧ୍ୟରେ ଅତୁଟ ଭଲପାଇବା ରହିଛି। ମଙ୍ଗରାଜ ପରିବାର ସହ ଏକ ଜମି ଜାଲିଆତି କାରବାରରେ ସେମାନଙ୍କ ବାପାଙ୍କର ଦୁଃଖଦ ମୃତ୍ୟୁ ଘଟେ। ଦୁଇ ଭଉଣୀ ଭିତରେ ଛବି ଖୁବ୍ ସରଳ ବିଶ୍ୱାସୀ ଓ ନିଜ ବୁଦ୍ଧି ବିବେକ ଅନୁସାରେ ସଚ୍ଚୋଟ ମାର୍ଗରେ କାମ କରେ। ହେଲେ ଛାୟା ସାହସୀ ଓ ନିର୍ଭୀକ। କାହାଣୀରେ ମୋଡ଼ ସେତେବେଳେ ଆସେ ଯେତେବେଳେ ଛବି ଧୀରେ ଧୀରେ ମଙ୍ଗରାଜ ପରିବାରର ପୁଅ 'ଆଲୋକ' ପ୍ରେମରେ ପଡ଼ିଯାଏ। ଅନ୍ୟପଟେ ଛାୟାର ପ୍ରତିଶୋଧ ପରାୟଣ ମନୋଭାବ। ଏହାପରେ କାହାଣୀ କି ମୋଡ ନେଉଛି ତାହା ଧାରାବହିକଟି ଦେଖିଲେ ହିଁ ଜାଣିପାରିବେ। ଉକ୍ତ ଧାରାବାହିକରେ ଆଲୋକ ଭୂମିକାରେ ଆର୍ଯ୍ୟ ପ୍ରଧାନ, ଛବି ଭୂମିକାରେ ଅର୍ଚ୍ଚିତା ରାଉତ ଏବଂ ଛାୟା ଭୂମିକାରେ ଅଦିତି ଦାଶ ଅଭିନୟ କରିଛନ୍ତି। ଜୀ-ସାର୍ଥକର ଚିଫ ଚ୍ୟାନେଲ ଅଫିସର ରାହୁଲ ରାଓ କୁହନ୍ତି,'ଏହି ଧାରାବାହିକର କାହାଣୀରେ ଆମର ସବୁ ମେଗା ଧାରାବାହିକର କାହାଣୀ ପରି ଓଡ଼ିଶାର ପରମ୍ପରା, ଗ୍ରାମୀଣ ଜୀବନ ଏବଂ ନୈତିକ ମୂଲ୍ୟବୋଧର ଏକ ସୁନ୍ଦର ଚିତ୍ର ରହିଛି। ଧାରାବାହିକଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବ ବୋଲି ଆଶା।''


ଆର୍ଯ୍ୟ-ଅର୍ଚ୍ଚିତା-ଅଦିତି

## କେଦାରନାଥଙ୍କ ମହିମା !

କଥାରେ ଅଛି-ଏ ମନ ଭାବୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ସାରା ଅଲ୍ଲୀ ଖାନ୍ ପ୍ରତିବର୍ଷ କେଦାରନାଥ ଯାଇଥାଆନ୍ତି। କାରଣ କେଦାରନାଥଙ୍କ ଉପରେ ତାଙ୍କର ଅତୁଟ ବିଶ୍ୱାସ। ଆଉ ଆଶ୍ଚର୍ଯ୍ୟର କଥା ସାରାଙ୍କ ଅଭିନୀତ ପ୍ରଥମ ସିନେମାର ଟାଇଟଲ ବି ହେଲା 'କେଦାରନାଥ'। ତେଣୁ ଖୁସିରେ ସେ ଏହି ଅଫର୍ ପାଇବା ପରେ କେଦାରନାଥ ଯାଇ ସେଠାରେ ପୂଜାର୍ଚ୍ଚନା କରିଥିଲେ। ଏଥିରେ ସାରାଙ୍କର ନାୟକ ସାଜିଥିଲେ ସୁଶାନ୍ତ ସିଂ ରାଜପୁତ। ନ୍ୟୁୟର୍କସ୍ଥିତ କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ସେ ରାଜନୀତି ବିଜ୍ଞାନ ଏବଂ ଇତିହାସରେ ଡିଗ୍ରୀ ହାସଲ କରିଥିଲେ। ଅବସର ମିଳିଲେ କବିତା ଲେଖିବାକୁ ପସନ୍ଦ କରନ୍ତି ସାରା।


ସାରା

# ପ୍ରଥମ ଦରମାର ପ୍ରଥମ ଖର୍ଚ୍ଚ ନନାବୋଉଙ୍କ ପାଇଁ

**ପ୍ରଥମ ରୋଜଗାର**

କବି ଶୁଭବ୍ରତ ମହାପାତ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



ଜନ୍ମ ଭୁବନେଶ୍ୱରରେ, ପରବର୍ତ୍ତୀ ଜୀବନରେ ପାଠପଢ଼ା ତତ୍ ସହିତ ବୃତ୍ତିଗତ ଜୀବନର ଅୟମାରମ୍ଭ ମଧ୍ୟ ଏହି ସହରରେ । ବିଦ୍ୟାଳୟ ଜୀବନରୁ ମାତୃଭାଷା ଓଡ଼ିଆ ପ୍ରତି ଦୁର୍ବାର ଆକର୍ଷଣ ରହିଆସିଛି । ଓଡ଼ିଆ ସାହିତ୍ୟ ପ୍ରତି ଏହି ଆଗ୍ରହ ପରବର୍ତ୍ତୀ ଜୀବନରେ ଲେଖାଲେଖି କରିବାର ମୂଳଦୁଆ ପକାଇବାରେ ଅନେକ ସାହାଯ୍ୟ କରିଛି । ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ବିଦ୍ୟାଳୟ ଜୀବନ ଶେଷ ହେବା ପରେ ରାଜଧାନୀ କଲେଜରେ ଯୁକ୍ତ ଦୁଇ କଳାରେ ନାମ ଲେଖାଇଥିଲି । ତା'ପରେ ବିବିଏ ଏବଂ ପରେ ପରେ ଏମ୍ଏସ୍ଡବ୍ଲ୍ୟୁ ପାଠପଢ଼ା ୨୦୧୬ରେ ସାରିଥିଲି । ଈଶ୍ୱରଙ୍କ କରୁଣା ଏବଂ ପିତାମାତାଙ୍କ ଆଶୀର୍ବାଦରୁ ୨୦୧୬ ଶେଷରେ ଏକ ଏନ୍ଜିଓରେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲି । ଚାକିରୀ ଜୀବନ ଆରମ୍ଭ କରିବାର ମାସକ ପରେ ଯେତେବେଳେ ପ୍ରଥମ ଦରମା ଦଶ ହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଆସିଥିଲା, ସେତେବେଳେ ଖୁସିର ସୀମା ନ ଥିଲା । ହୁଏତ ଏହି ଦରମା ରାଶି ସ୍ୱଳ୍ପ ହୋଇପାରେ କିନ୍ତୁ ମୋ ପାଇଁ ତାହା ଅମୂଲ୍ୟ ଥିଲା । କାରଣ ଏହା ମୋ କଷ୍ଟ ଅର୍ଜିତ ଶ୍ରମର ପ୍ରଥମ ପାଉଣା ଥିଲା ; ଯେଉଁଥିରେ ମୋ ନନା, ବୋଉ, ଗୁରୁ, ଗୁରୁଜନଙ୍କ ସ୍ନେହ, ଶ୍ରଦ୍ଧା ଓ ଶୁଭେଚ୍ଛା ଭରି ରହିଥିଲା । ଏହି ଟଙ୍କାର ସୁବିନିଯୋଗ କରିବା ପାଇଁ ନନାଙ୍କ ସକାଶେ ଫିଲିପ୍ସ କମ୍ପାନୀର ଗୋଟିଏ ବ୍ୟାଟେରୀ ଚାଳିତ ରେଡ଼ିଓ ଏବଂ ବୋଉ ପାଇଁ ସୂତା ଶାଢ଼ୀ ଖଣ୍ଡିଏ କିଣିଥିଲି । କାରଣ ରେଡ଼ିଓରୁ ସମାଚାର ଶୁଣିବା ମୋ ନନାଙ୍କର ବହୁତ ପସନ୍ଦ । ସେହିପରି ବୋଉ ସୂତା ଶାଢ଼ି ନିଇତି ପିନ୍ଧିବାକୁ ଖୁବ୍ ଭଲପାଏ । ଯେତେବେଳେ ନନାଙ୍କ ହାତକୁ ରେଡ଼ିଓ ଓ ବୋଉ ହାତକୁ ଶାଢ଼ି ବଢାଇ ଦେଇଥିଲି, ସେମାନେ ଖୁସିରେ କାନ୍ଦି ପକାଇଥିଲେ । ମୁଁ ଦେଇଥିବା ଜିନିଷକୁ ସାଦରେ ଗ୍ରହଣ କରିବା ସହ ମୋ ମୁଣ୍ଡରେ ହାତ ବୁଲାଇ ମୋତେ ଢେର୍ ଆଶୀର୍ବାଦ ମଧ୍ୟ କରିଥିଲେ । ସେହି ଆଶୀର୍ବାଦ ଓ ଈଶ୍ୱରଙ୍କ କରୁଣାକୁ ପାଥେୟ କରି ଉଭୟ ସାରସ୍ୱତ ଓ ବୃତ୍ତିଗତ ଜୀବନରେ ମୁଁ ଆଗକୁ ଆଗେଇ ଚାଲିଛି । କେବଳ ସେତିକି ନୁହେଁ ସ୍କୁଲ, କଲେଜରେ ପଢିଲାବେଳେ ମୁଁ ଟିକେ ଟିକେ କବିତା ଲେଖିବା ମଧ୍ୟ ଆରମ୍ଭ କରିଥିଲି । ମୋ ବୋଉ ଭଲ କବିତା ଲେଖେ । ତାକୁ ଅନୁସରଣ କରି କରି ଗତ ୫ବର୍ଷ ହେବ ଏହି ଲେଖାଲେଖିର ଧାରା ମୋର ଟିକେ ବେଶୀ ବଢ଼ିଯାଇଛି । ଯା'ଭିତରେ ପ୍ରାୟ ଶତାଧିକ କବିତା ଲେଖିସାରିଛି ; ତନ୍ମଧ୍ୟରୁ ଅନେକ କବିତା ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶ ପାଇ ପାଠକୀୟ ସ୍ୱୀକୃତି ମଧ୍ୟ ହାସଲ କରିସାରିଛି । ମୁଖ୍ୟତଃ ଆଧୁନିକ ଗୀତି କବିତା ଲେଖିବାରେ ମୋର ରୁଚି ରହିଛି । କେବଳ କବିତା ନୁହେଁ କିଛି ଗପ ବି ମୁଁ ଲେଖିଛି । ଆଗକୁ ପୁସ୍ତକ ପ୍ରକାଶ କରିବାର ଯୋଜନା ମଧ୍ୟ ରହିଛି । ଈଶ୍ୱରଙ୍କ କରୁଣା ଓ ମୋ ନନାବୋଉଙ୍କ ଆଶୀର୍ବାଦରୁ ଏ ଇଚ୍ଛା ବି ମୋର ପୂରଣ ହୋଇଯିବ ବୋଲି ମନରେ ଆଶା ବାନ୍ଧିଛି ।

# ଟିକିଏ ମିଠାକୁ ଟିକିଏ କଷା, ସହଜେ ଖସେନା ପ୍ରେମର ନିଶା

**ପ୍ରଶ୍ନ–** ପ୍ରେମର ନିଶା ଥରେ ଘାରିଲେ ତାହା ସହଜରେ ଖସି ନ ଥାଏ । ଏପରି କାହିଁକି ହୁଏ ?

*–ବିପ୍ଳବ ସାହୁ, ବଲାଙ୍ଗୀର*

**ଉତ୍ତର :** ପ୍ରେମ ନିଶା ଯେତେବେଳେ ମୁଣ୍ଡକୁ ଚଢ଼େ ସେତେବେଳେ ମନ ଖାଲି ରଙ୍ଗିନ ଦୁନିଆରେ ଉଡି ବୁଲୁଥାଏ । ଚାରିଆଡ କେବଳ ପ୍ରେମ ହିଁ ପ୍ରେମ । ଆଖି ଖୋଲିଲେ ପ୍ରେମ, ଆଖି ବୁଜିଲେ ପ୍ରେମ । କାରଣ 'ଟିକିଏ ମିଠାକୁ ଟିକିଏ କଷା, ସହଜେ ଖସେନା ପ୍ରେମର ନିଶା' । ତେଣୁ ଯଦି ପ୍ରେମ କରୁଛନ୍ତି ତେବେ କାହାକୁ ତ ମନା କରିହେବ ନାହିଁ । ହେଲେ ଏହି ସମୟରେ ନିଜ ମନର ବେଗକୁ ନିୟନ୍ତ୍ରଣରେ ରଖନ୍ତୁ । ନ ହେଲେ କେତେବେଳେ ଏହି ବିଶାଳ ଦୁନିଆରେ ଯେ ବାଟବଣା ହୋଇଯିବେ ତାହା କେବେ କଳ୍ପନା କରିପାରିବେ ନାହିଁ ।

**ପ୍ରଶ୍ନ–** ପ୍ରଥମ ଇସାରାରେ ଜଣେ ସୁନ୍ଦରୀ ମୋ ମନରେ ଘର କରିଥିଲା । ହେଲେ ଏବେ ସେ ମୋ ଉପରେ ଅଭିମାନ କରିଛି । ତାକୁ କେମିତି ଶାନ୍ତ କରିବି ଜାଣିପାରୁନାହିଁ । ମୋତେ କିଛି ଉପାୟ ବତାନ୍ତୁ ?

*–ବିମଳ କୁମାର, ପୁରୀ*

**ଉତ୍ତର :** ଅଭିମାନରେ ବେଳେବେଳେ ପ୍ରେମର ଅସଲ ମଜା ଲୁଚି ରହିଥାଏ । କିନ୍ତୁ ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ । ପ୍ରିୟାର ଅଭିମାନ ଭସା ବାଦଲ ପରି । ତାହା କେତେବେଳେ ଆସି ପ୍ରେମର ଆକାଶକୁ ଅନ୍ଧକାର କରିଦିଏ ତ ପୁଣି କେତେବେଳେ ରଙ୍ଗିନ ଆଲୋକରେ ମନରେ ଅସୁମାରି ଖୁସିର ଲହରି ଖେଳାଇ ଦିଏ । ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ ନିଅନ୍ତୁ ନାହିଁ । ବାସ୍, ତା' ମନର ଭିତିରି କଥାକୁ ବୁଝନ୍ତୁ । ହୁଏତ ଏହି ଅଭିମାନ ନିଶ୍ଚୟ ତା' ଖିଆଲି ମନରେ କ୍ଷଣିକ ପାଇଁ ଆସିଥିବ !

**ପ୍ରଶ୍ନ–** ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି । ହେଲେ ମୁଁ ବାହା ହେବା ପରେ ମୋର ଆଉ ଜଣେ ପୂର୍ବତନ ପ୍ରେମିକା ମୋତେ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି । ମୁଁ କ'ଣ କରିବି କିଛି ଜାଣିପାରୁନାହିଁ ?

*–ସମର କୁମାର, ତାଳଚେର*

**ଉତ୍ତର :** ଯାହାକୁ ପ୍ରେମ କରୁଥିଲେ ତାକୁ ତ ବାହା ହୋଇଛନ୍ତି, ଅର୍ଥାତ୍, ଆପଣ ଜଣେ ସକ୍ସେସ୍ଫୁଲ ପ୍ରେମିକ । କିନ୍ତୁ ପୁଣି ଥରେ ସେ ଏକତରଫା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ । ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ । ତେଣୁ ସେପରି ପ୍ରେମ ଆଉ ପ୍ରେମିକାଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଠିକ୍ ହେବ । ନ ହେଲେ ନେଡି ଗୁଡ ଯେତେବେଳେ କହୁଣିକୁ ବୋହି ଯିବ ସେତେବେଳେ ଆପଣଙ୍କ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ ପାଖରେ କେହି ନ ଥିବେ ।


**ପ୍ରଶ୍ନ–** ଲାଜରୁ ପ୍ରେମର ସୃଷ୍ଟି । ମୋତେ ଜଣେ ଝିଅ ଦେଖି ଲାଜ କରୁଛି । ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ସୁନୀଲ, ବ୍ରହ୍ମପୁର*

**ଉତ୍ତର :** ସେହି ସୁନ୍ଦରୀର ଲାଜୁଆ ଚାହାଣି ଆପଣଙ୍କୁ ମତୁଆଲା କରିଛି । ହେଲେ ସେହି ଲାଜରେ ପ୍ରେମ ଅଛି କି ନାହିଁ, ତାହା ଜାଣିପାରୁନାହାନ୍ତି । ଏହି ସମୟରେ ଥରେ ଥଣ୍ଡା ମିଜାଜରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ । ବେଳେବେଳେ ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ପୋତା ହୋଇ ରହିଥାଏ । ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ । ଯଦି କିଛି ସୁରାକ ପାଇଗଲେ ତେବେ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ । ଯଦି ସେପଟୁ ଗ୍ରୀନ୍ ସିଗ୍ନାଲ ମିଳିଲା ତେବେ ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ । ନ ହେଲେ ଚାନ୍ସଟା ହାତରୁ ଖସିଯାଇପାରେ ।

**ସାଥୀ**





# ହୋଲି ଆଉଟ୍‌ଫିଟ୍

**ରଙ୍ଗର ପର୍ବ ହୋଲି। ଏହି ବିଶେଷ ଅବସରରେ ଝିଅମାନେ କେଉଁ ଟାଇପ୍‌ର ଆଉଟ୍‌ଫିଟ୍ ପିନ୍ଧିବା ସହ କିଭଳି ମେକ୍‌ଅପ୍ ନେଲେ ଆକର୍ଷଣୀୟ ହୋଲି ଲୁକ୍ ପାଇପାରିବେ ସେ ନେଇ କିଛି ଟିପ୍ସ...**



ରଙ୍ଗର ପର୍ବ ହୋଲିରେ ଆକର୍ଷଣୀୟ ଲୁକ୍ ପାଇବାକୁ କାହାର ବା ଇଚ୍ଛା ନୁହେଁ। ହେଲେ ଏହି ବିଶେଷ ଅବସରରେ କେଉଁ ଟାଇପ୍‌ର ଆଉଟ୍‌ଫିଟ୍ ପିନ୍ଧିବା ସହ କିଭଳି ନିଜକୁ ସଜାଇଲେ ଗର୍ଜିୟସ୍ ହୋଲି ଲୁକ୍ ପାଇହେବ ସେ ନେଇ ଝିଅମାନେ ପ୍ରାୟତଃ ଦ୍ୱନ୍ଦ୍ୱରେ ରହିଥାନ୍ତି। ସେଥିପାଇଁ କିଛି ସହଜ ଓ ସରଳ ଟିପ୍ସ ଏଠାରେ ଉଲ୍ଲେଖ କରାଗଲା...

**✲ ଶାଢି :** ଅଲ୍ ଟାଇମ୍ ସୋବର୍ ଲୁକ୍ ଦେଇଥାଏ ଶାଢି। ପାର୍ବଣ ଋତୁ ହେଉ ଅବା ବାହାଘର, ବ୍ରତଘର କଥା ହେଉ ଅଥବା କୌଣସି ପାର୍ଟି, ଫଙ୍କସନ୍‌ର ଆୟୋଜନ, ଶାଢିକୁ ଟିକେ ଭିନ୍ନ ଷ୍ଟାଇଲ୍‌ରେ ପିନ୍ଧିଦେଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ଏପରିକି ହୋଲି ଅବସରରେ ମଧ୍ୟ ମଲ୍ଟି କଲର୍‌ର ସିଫନ୍ ଶାଢ଼ି ହେଉ ଅବା ସିମ୍ପଲ ଧଳା ରଙ୍ଗର ଶାଢ଼ି କିମ୍ବା ପେଷ୍ଟାଲ୍ କଲର୍‌ର ଶାଢ଼ି ସାଙ୍ଗକୁ ହାଲ୍‌କା ମେକ୍‌ଅପ୍ ନେଲେ ଲୁକ୍ ବେଶ୍ ସୁନ୍ଦର ଦେଖାଯାଇଥାଏ।

**✲ ମଲ୍ଟି କଲର୍ ଅନାରକଲି କୁର୍ତ୍ତି:** ଅନାରକଲି କୁର୍ତ୍ତି ପିନ୍ଧିବାକୁ ଯେମିତି କମ୍ଫର୍ଟେବଲ୍ ଲାଗେ, ଝିଅମାନଙ୍କୁ ସେମିତି ଆକର୍ଷଣୀୟ ଲୁକ୍ ବି ଦେଇଥାଏ। ବିଶେଷକରି ହୋଲି ଅବସରରେ ମଲ୍ଟି କଲର୍‌ର କୁର୍ତ୍ତି ସାଙ୍ଗକୁ କଣ୍ଟ୍ରାଷ୍ଟ କଲର୍‌ର ବଟମ୍‌ୱେର୍ ପିନ୍ଧିବା ଏକ ବେଷ୍ଟ ଅପ୍ସନ ହୋଇପାରେ।

**✲ ମିରର୍ ୱାର୍କ କୁର୍ତ୍ତି:** ଏହି ଟାଇପ୍‌ର କୁର୍ତ୍ତିରେ ଉଭୟ ଥ୍ରେଡ୍ ୱାର୍କ ସାଙ୍ଗକୁ ମିରର୍ ୱାର୍କ ହେଉଥିବାରୁ ଏହା ବେଶ୍ ସୁନ୍ଦର ଦେଖାଯାଇଥାଏ। ବିଶେଷକରି ମଲ୍ଟି କଲର୍‌ର ମିରର୍ ୱାର୍କ କୁର୍ତ୍ତି ସାଙ୍ଗକୁ ଧୋତି ଷ୍ଟାଇଲ୍ ପ୍ୟାଣ୍ଟ ହୋଲି ଲୁକ୍ ପାଇଁ ପରଫେକ୍ଟ ହୋଇଥାଏ।

**✲ ବାନ୍ଧେନୀ ଦୁପଟ୍ଟା:** ବାନ୍ଧେନୀ ଦୁପଟ୍ଟା ଦେଖିବାକୁ ଯେମିତି ସୁନ୍ଦର ଲାଗେ, କୁର୍ତ୍ତି ଉପରେ ଏହାକୁ ପକାଇଲେ ସେମିତି ଆକର୍ଷଣୀୟ ଲୁକ୍ ବି ମିଳେ। ବିଶେଷକରି ହ୍ୱାଇଟ୍ କଲର୍‌ର ପ୍ଲେନ୍ ସୁଟ୍ ଉପରେ ମଲ୍ଟି କଲର୍‌ର ବାନ୍ଧେନୀ ଦୁପଟ୍ଟା ପକାଇଲେ ଆକର୍ଷଣୀୟ ହୋଲି ଲୁକ୍ ମିଳିଥାଏ।

**✲ କ୍ରପ୍ ଟପ୍ ଓ ଲେହେଙ୍ଗା:** ଅଧିକାଂଶ ଝିଅ ଜିନ୍ସ ସହିତ କ୍ରପ୍ ଟପ୍ ପିନ୍ଧିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ହୋଲି ଅବସରରେ ଜିନ୍ସ ପରିବର୍ତ୍ତେ ଯଦି ଲେହେଙ୍ଗା କିମ୍ବା ଲଙ୍ଗ୍ ସ୍କର୍ଟ ସହ ମ୍ୟାଚିଂ କ୍ରପ୍ ଟପ୍ସକୁ ପେୟାର୍ କରାଯାଏ ତା'ହେଲେ ବି ଗର୍ଜିୟସ୍ ଲୁକ୍ ମିଳିଥାଏ। ବିଶେଷକରି ବାନ୍ଧେନି ପ୍ରିଣ୍ଟର କ୍ରପ୍ ଟପ୍ ଓ ଲେହେଙ୍ଗା ତଥା ଏମ୍ବ୍ରୋଡୋରୀ କାମ ହୋଇଥିବା ମଲ୍ଟି କଲର୍‌ର ଲେହେଙ୍ଗାକୁ ବି ହୋଲି ଅବସରରେ ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିଥାଏ।

**✲ ଧୋତି ପ୍ୟାଣ୍ଟ ସହ ଶର୍ଟ କୁର୍ତ୍ତି:** ହୋଲି ଅବସରରେ ଟିକେ ଡିଫରେଣ୍ଟ ଲୁକ୍ ପାଇବାକୁ ଚାହୁଁଥିଲେ, ହ୍ୱାଇଟ୍ କଲର୍‌ର ଧୋତି ପ୍ୟାଣ୍ଟ ସହ ଶର୍ଟ କୁର୍ତ୍ତି ପିନ୍ଧିବା ଏକ ଭଲ ଅପ୍ସନ ହୋଇପାରେ।

**✲ ଶରାରା ସୁଟ୍:** ଏହା ଏକପ୍ରକାର ଭର୍ସାଟାଇଲ୍ ଆଉଟ୍‌ଫିଟ୍। ଏହାକୁ ଟିକେ ମଡର୍ଣ୍ଣ ଷ୍ଟାଇଲ୍‌ରେ କ୍ୟାରି କରି ପାର୍ଟି ଲୁକ୍ ଏବଂ ଟିକେ ଟ୍ରାଡିସନାଲ୍ ୱେରେ ପିନ୍ଧି ସୋବର୍ ତଥା ଫେଷ୍ଟିଭ୍ ଲୁକ୍ ପାଇହୁଏ। ହୋଲି ଅବସରରେ ଝିଅମାନେ ଚାହିଁଲେ ମଲ୍ଟି କଲର୍ ଅବା ହ୍ୱାଇଟ୍ କଲର୍‌ର ଶରାରା ସୁଟ୍ ସାଙ୍ଗକୁ ଜ୍ୟାକେଟ୍ ପିନ୍ଧି ଟିକେ ଭିନ୍ନ ଲୁକ୍ ପାଇପାରିବେ।

## କିଛି ଜରୁରୀ ଟିପ୍ସ

➔ହୋଲି ଅବସରରେ ଡାର୍କ କଲର୍ ତୁଳନାରେ ବ୍ରାଇଟ୍ କଲର୍‌ର ଆଉଟ୍‌ଫିଟ୍ ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳେ।

➔ପିଙ୍କ୍ କିମ୍ବା ପିଚ୍ କଲର୍‌ର ହାଲ୍‌କା ଶେଡ୍ସ ବାଲା ଆଉଟ୍‌ଫିଟ୍ ସାଙ୍ଗକୁ ସିଲ୍‌ଭର୍ ଅବା ପର୍ଲ ଜୁଏଲେରୀକୁ ମ୍ୟାଚିଂ କଲେ, ହୋଲିରେ ଯୁବତୀଙ୍କୁ ଟିକେ ଭିନ୍ନ ଲୁକ୍ ମିଳିଥାଏ।

➔ଆଜିକାଲି ନ୍ୟୁଡ୍ କଲର୍ସର ବି ଭଲ ଚାହିଦା ରହୁଛି। ଝିଅମାନେ ଚାହିଁଲେ ହୋଲିରେ ହାଲ୍‌କା ଜୁଏଲେରୀ ସହିତ ନ୍ୟୁଡ୍ ପିଙ୍କ୍ ମେକ୍‌ଅପ୍ ନେଇ ଆକର୍ଷଣୀୟ ଲୁକ୍ ପାଇପାରିବେ।







## ହାଃ ହାଃ

### ବଦମାସି

ପୁଅ କାନ୍ଦି କାନ୍ଦି ବାପାଙ୍କୁ: ଆଜି ମତେ ଟିଚର ମାରିଲେ।
ବାପା: କିଛି ବଦମାସି କରିଥିବୁ।
ପୁଅ: ନା, ମୁଁ କିଛି କରିନି। ମୁଁ ତ ଖାଲି କ୍ଲାସ୍‌ରେ ଆରାମରେ ଶୋଇଥିଲି।

### ବୁଦ୍ଧି

ଇଂଲିଶ୍ ଶିକ୍ଷକ: ପିଲାମାନେ ଆଜି ଆମେ ନାଉନ୍ ଶିଖିବା। କହିଲ ଦେଖି 'ଝିଅଟି ସମସ୍ତଙ୍କ ସହ ହସି ହସି କଥା ହେଉଛି'ରେ 'ଝିଅ' କ'ଣ ?
ମଣ୍ଟୁ: ସାର୍, ଝିଅଟି ପୂରା ବିଗିଡ଼ିଯାଇଛି। ସେ ନିଶ୍ଚୟ କୋଉ ପୁଅ ଚକ୍କରରେ ପଡ଼ିଛି।
ଶିକ୍ଷକ ରାଗିକି: ସତେ ନା କ'ଣ ? କେତେ ବୁଦ୍ଧି ତୋର।

### ରୋଜଗାର

ଯୁବକ ଭାବୀ ଶ୍ୱଶୁରଙ୍କୁ: ମୁଁ ଆପଣଙ୍କ ଝିଅକୁ ବାହା ହେବାକୁ ଚାହୁଁଛି।
ଭାବୀ ଶ୍ୱଶୁର: କେତେ ରୋଜଗାର କରୁଛ ?
ଯୁବକ: ମାସକୁ ୨୦ ହଜାର ଟଙ୍କା।
ଭାବୀ ଶ୍ୱଶୁର: ଜାଣିଛ, ମୁଁ ମୋ' ଝିଅକୁ ମାସକୁ ୧୫ ହଜାର ଟଙ୍କା ପକେଟ୍ ମନିଦିଏ।
ଯୁବକ: ଜାଣିଛି ଆଜ୍ଞା। ସେଇ ପକେଟ୍ ମନିକୁ ମିଶାଇ ତ ମୁଁ ମୋ ରୋଜଗାର କହିଲି।

### ଦଣ୍ଡ

କୋର୍ଟରେ ଅପରାଧୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିକୁ
ଜଜ୍: ତମର କିଛି କହିବାର ଅଛି ?
ଅପରାଧୀ: ହଁ, ଆଜ୍ଞା। ଆଜୀବନ କାରାବାସ ପୂର୍ବରୁ ମୁଁ ଏତିକି କହିବି ଯେ, ଆପଣ ଫେସ୍‌ବୁକ୍‌ରେ ସବୁଦିନ ଯେଉଁ 'ସ୍ୱିଟ୍ ପ୍ରିୟା' ସହ ଚାଟିଂ କରନ୍ତି ସେ ହେଉଛି 'ମୁଁ'।
ଜଜ୍: କ'ଣ ? ୟା'କୁ ଆଜୀବନ କାରାବାସ ନୁହେଁ, ମୃତ୍ୟୁଦଣ୍ଡ ଦିଆଯାଉ।



# ହରିରାଜପୁର ମେଳଣ

୧୬ ନମ୍ବର ଜାତୀୟ ରାଜପଥରେ ରାଜଧାନୀ ଭୁବନେଶ୍ୱରରୁ ଖୋର୍ଦ୍ଧା ଆଡ଼କୁ ଯିବା ବାଟରେ ମାତ୍ର ଅଣତିରିଶ କିଲୋମିଟର ଦୂରରେ ପଡ଼େ ଜଟଣୀର ହରିରାଜପୁର ଗାଁ। ସେଇ ଗାଁରେ ରହିଛି ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କର ବହୁ ପୁରାତନ ମନ୍ଦିର। ପଥରରେ ଅତ୍ୟନ୍ତ ସୂକ୍ଷ୍ମ କାରୁକାର୍ଯ୍ୟଯୁକ୍ତ ଏହି ମନ୍ଦିରଟି କୋଣାର୍କ ସୂର୍ଯ୍ୟମନ୍ଦିରର ସମସାମୟିକ ବୋଲି ଲୋକମୁଖରେ ଶୁଣାଯାଏ। ଦ୍ୱାଦଶ ଶତାବ୍ଦୀରେ ଏହା ଲାଙ୍ଗୁଳା ନରସିଂହଦେବଙ୍କ ଦ୍ୱାରା ନିର୍ମିତ ବୋଲି ଏଠାକାର ପୁରୁଖା ସେବକମାନେ କୁହନ୍ତି। ଲୋକ କାହାଣୀ ଅନୁସାରେ କୋଣାର୍କରେ ସୂର୍ଯ୍ୟ ମନ୍ଦିର ଗଢ଼ିବା ପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରୁ କୁଶଳୀ କାରିଗରମାନଙ୍କୁ ଅଣାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଦଳ ମଧ୍ୟାହ୍ନଭୋଜନ ପାଇଁ ଏହି ସ୍ଥାନରେ ଅଟକିଥିଲେ। ଖାଇ ସାରି ବିଶ୍ରାମ ନେବାବେଳେ ଦେଖିଲେ କଳା ଗାଈଟିଏ କିଛି ଦୂରରେ ଠିଆହୋଇଥିଲା, ତା'ର ପହ୍ନାରୁ ଆପେ ଆପେ କ୍ଷୀର ଝରି ପଡୁଥିଲା ସେହି ସ୍ଥାନରେ। ତାହା ଦେଖି ସେଠାରେ ନିଶ୍ଚୟ କିଛି ଅଲୌକିକ ଶକ୍ତି ରହିଛି ଭାବି ସେମାନେ ମାଟି ଖୋଳି ଦେଖିଲେ ସେଠାରେ ଶିବଲିଙ୍ଗଟିଏ ରହିଛି। ଶିବଲିଙ୍ଗ ମଥାରୁ ରକ୍ତ ସ୍ରାବ ହେଉଥିଲା, ବୋଧହୁଏ ଗାଈଟି ସେଠାରୁ ଦ୍ରୁତ ଗତିରେ ଧାଇଁ ଗଲାବେଳେ ତା'ର ଖୁରର ଆଘାତ ଲାଗିଥିଲା ଲିଙ୍ଗର ମଥାରେ। କାରିଗରମାନେ ନେହୁରା ହୋଇ ମହାଦେବଙ୍କୁ ପ୍ରାର୍ଥନା କଲେ। ରକ୍ତସ୍ରାବ ବନ୍ଦ ହେଲାରୁ ସେମାନେ ତାଙ୍କର ଯାତ୍ରା ଆରମ୍ଭ କଲେ। କୋଣାର୍କରେ ପହଞ୍ଚି ରାଜାଙ୍କ ସେନାପତିଙ୍କୁ ଏକଥା ଜଣାଇବାରୁ ତାହା ରାଜାଙ୍କ କାନକୁ ଗଲା। କିଛିଦିନ ପରେ ଘଟଣାର ସତ୍ୟାସତ୍ୟ ବୁଝି ସେଠାରେ ମନ୍ଦିରଟିଏ ଗଢ଼ାଇ ସେହି ଶିବଲିଙ୍ଗଙ୍କୁ ସ୍ଥାପନା କରାଇଥିଲେ । ମନ୍ଦିରର ନିତିକାନ୍ତି କରିବା ପାଇଁ ଶାସେନୀ ବ୍ରାହ୍ମଣମାନଙ୍କୁ ନିଯୁକ୍ତ କରିଥିଲେ। ମନ୍ଦିରର ନିର୍ମାଣ ସମୟ ବାରଶହ ଶତାଅଶୀ ମସିହା ବୋଲି ପୁରୁଖା ସେବକମାନେ କୁହନ୍ତି । ମନ୍ଦିର ଗାତ୍ରରେ କାରିଗରମାନଙ୍କର ସୁନ୍ଦର କାରୁକାର୍ଯ୍ୟ ଏବଂ ଶିବଲିଙ୍ଗରେ ସେଦିନର ଗୋ-କ୍ଷୁରାର ଆଘାତ ବର୍ତ୍ତମାନ ସୁଦ୍ଧା ବିରାଜମାନ ରହିଛି । ମନ୍ଦିରଟି ତିନି ଭାଗରେ ବିଭକ୍ତ- ଜଗମୋହନ, ନାଟମଣ୍ଡପ ଏବଂ ଆସ୍ଥାନ। ମନ୍ଦିରର ବାହାର ପଟରେ ଏବଂ ଜଗମୋହନରେ ନନ୍ଦୀଙ୍କର ସୁନ୍ଦର ମୂର୍ତ୍ତି ରହିଛି। ଗର୍ଭଗୃହରେ ଠାକୁର ପଶ୍ଚିମମୁଖା ହୋଇ ବିରାଜମାନ, ଦୁଇ ପଟରେ ରହିଛନ୍ତି ହରପାର୍ବତୀ ଏବଂ ସାବିତ୍ରୀ ସତ୍ୟବାନଙ୍କ ମୂର୍ତ୍ତି। ପାର୍ଶ୍ୱ ଦେବତା ଭାବରେ ରହିଛନ୍ତି ଗଣେଶ, କାର୍ତ୍ତିକ ଏବଂ ମହାମାୟା। ମନ୍ଦିର ବାହାର ପଟରେ ଅଛି ବୀର ହନୁମାନଙ୍କର ଛୋଟ ମନ୍ଦିରଟିଏ। ଠାକୁର ବର୍ଷ ତମାମ ଜଳରେ ବୁଡ଼ି ରହୁଥିବାରୁ ତାଙ୍କୁ ବୁଡ଼ାପଡା ସୋମନାଥ ବୋଲି କୁହାଯାଏ। ମନ୍ଦିର ବେଢ଼ା ଭିତରେ ଅଛି ବିରାଟ ଚନ୍ଦନ ପୋଖରୀ ଏବଂ ମନ୍ଦିର ପାଖକୁ ଲାଗି ଗୋଟିଏ କୂଅ, ଏଥିରୁ ପାଣି ଆଣି ପୂଜାର୍ଚ୍ଚନା କରାଯାଏ। ସୋମନାଥ ଦେବ ବଡ଼ ପ୍ରତ୍ୟକ୍ଷ ଦେବତା। ଦୈନିକ ନୀତିକାନ୍ତି ବ୍ୟତୀତ ଦୋଳ, ପଞ୍ଚଦୋଳ ଏବଂ ଅକ୍ଷୟତୃତୀୟାର ମହାଯଜ୍ଞ ଏଠାକାର ପ୍ରମୁଖ ଉତ୍ସବ।

ହରିରାଜପୁର ଗ୍ରାମରେ ପାଳନ ହେଉଥିବା ପଞ୍ଚଦୋଳ ମେଳଣ ଏକ ନିଆରା ଉତ୍ସବ। ଦୋଳପୂର୍ଣ୍ଣିମା ପରେ ପଞ୍ଚମ ଦିବସର ମଧ୍ୟରାତ୍ରିରେ ଏହା ମହାସମାରୋହରେ ପାଳିତ ହୋଇଥାଏ। କିମ୍ବଦନ୍ତୀ ରହିଛି ଯେ, ୧୬୩୬ ଖ୍ରୀଷ୍ଟାବ୍ଦରେ ଚୈତ୍ର ଶୁକ୍ଳପକ୍ଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବସନ୍ତରାସ ଅନୁଷ୍ଠିତ ହୋଇଥିଲା। ପୁରୀରେ ସେହି ଯାତ୍ରା ଦେଖିସାରି ଘରକୁ ଫେରିବା ବାଟରେ ହରିରାଜପୁର ଗ୍ରାମର ବାବାଜୀ ଗୋବର୍ଦ୍ଧନ ଦାସ ଏବଂ ନିତେଇ ସାହୁ ନାମକ ଦୁଇ ବନ୍ଧୁଙ୍କ ମନରେ ତାଙ୍କ ଗାଁର ପଶ୍ଚିମାଶମ୍ଭୁ ଶ୍ରୀ ସୋମନାଥ ଦେବଙ୍କ ନିକଟରେ ଏକ ପଞ୍ଚଦୋଳ ମେଳଣ କରିବାର ଇଚ୍ଛା ଜାଗିଥିଲା। ମେଳନ କରିବାକୁ ମନସ୍ଥ କରି ତା'ର ପରବର୍ଷ ଅର୍ଥାତ୍ ୧୬୩୭ ଖ୍ରୀଷ୍ଟାବ୍ଦର ଚୈତ୍ରମାସ କୃଷ୍ଣ ପକ୍ଷର ପଞ୍ଚମୀ ତିଥିରେ ଏହି ମେଳନର ଆୟୋଜନ କରାଯାଇଥିଲା। ଏଥିପାଇଁ ଗ୍ରାମବାସୀଙ୍କ ନିକଟରୁ ମୁଠି ଚାଉଳ ସଂଗ୍ରହ କରି ତାହାର ବିକ୍ରିଲବ୍ଧ ଅର୍ଥ ମେଳଣରେ ଖର୍ଚ୍ଚ ହୋଇଥିଲା। ଏଥିରେ ନିକଟବର୍ତ୍ତୀ ଗ୍ରାମ ଭଆଁସରର ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର, କନ୍ତିଆର ଶ୍ରୀ ବାଲୁଙ୍କେଶ୍ୱର, କୁସୁମାଟିର ଗତୀଶ୍ୱର ଏବଂ ବୁଡ଼ାପଡ଼ାର ଶ୍ରୀ ସୋମନାଥ ଦେବଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେହିଦିନଠାରୁ ପଶ୍ଚିମ ଶମ୍ଭୁ ଶ୍ରୀ ସୋମନାଥ ଦେବଙ୍କର ପଞ୍ଚଦୋଳ ମେଳଣ ଆରମ୍ଭ ହୋଇଥିଲା ବୋଲି ପ୍ରଖ୍ୟାତ ଐତିହାସିକ ଶ୍ରୀ ଦିବ୍ୟସିଂହ ଚମ୍ପତି ଙ୍କ ପୁସ୍ତକରେ ଉଲ୍ଲେଖ ଅଛି ବୋଲି କହନ୍ତି ମେଳଣ ପରିଚାଳନା ପରିଷଦର ସଂଯୋଜକ ଶ୍ରୀ ପ୍ରସନ୍ନ ମହାରଥୀ। ଫାଲ୍‌ଗୁନ ଶୁକ୍ଳପକ୍ଷ ଆରମ୍ଭରୁ ହିଁ ଠାକୁରମାନେ ଦୋଳିବିମାନରେ ଶୋଭାଯାତ୍ରାରେ ଗାଁ ଗାଁ ବୁଲି ଭୋଗଖାଇବା ଆରମ୍ଭ କରିଥାନ୍ତି। ଦୋଳପୂର୍ଣ୍ଣିମା ଦିନ ଗାଆଁ ବୁଲା ସରେ। ଚୈତ୍ର କୃଷ୍ଣ ପକ୍ଷର ପଞ୍ଚମୀ ଦିନ ପୁନଶ୍ଚ ଏକତ୍ରିତ ହୋଇଥାନ୍ତି।

ମେଳଣର ପ୍ରଥମ ରାତ୍ରକୁ ଜମାଣ ରାତ୍ର କୁହାଯାଏ। ଏହିଦିନ ଠାକୁରଙ୍କ ଚଳନ୍ତି ପ୍ରତିମାମାନେ ଦୋଳିବିମାନରେ ଆସି ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଆସନରେ ବିରାଜମାନ ହୁଅନ୍ତି। ଦ୍ୱିତୀୟ ଦିବସରେ ମେଳଣ ଅନୁଷ୍ଠିତ ହୋଇଥାଏ। ଜମାଣରାତ୍ରରେ ଭଣ୍ଡାର ଘରୁ କୋଠଭୋଗ ଆସିବା ପରେ ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ମନ୍ଦିରରୁ ପଶ୍ଚିମ ଦ୍ୱାର ଦେଇ ବାହାରକୁ ବାହାରନ୍ତି। ଆଠ ଅଗଣାରେ ଠାକୁରଙ୍କ ନିକଟରେ କୋଠ ଭୋଗ ଲାଗିହୁଏ। ତତ୍ ପରେ ଠାକୁର ଦୋଳବିମାନରେ ବିଜେ ହୋଇ ଏକ ବିରାଟ ଶୋଭାଯାତ୍ରାରେ ମେଳଣ ପଡ଼ିଆରେ ପହଞ୍ଚନ୍ତି। ମନ୍ଦିରରୁ ପଟୁଆର ବାହାରିବା ପରେ ବାଟରେ ଶ୍ରୀ ଗୋପାଳଜୀ ଏଂ ଶ୍ରୀ ବାଳମୁକୁନ୍ଦ ସ୍ଥାନାଧିପତିଙ୍କ ସହିତ ସାମିଲ ହେବାର ପରମ୍ପରା ରହିଛି। ଶୋଭାଯାତ୍ରା ସମୟରେ ଆତସବାଜି ପ୍ରଦର୍ଶନ ସହ ବାଦ୍ୟ, ରୋଶଣି, ଘଣ୍ଟ, ଭେରୀ, ତୂରୀ, ଛତ୍ର ଆଲଟସହ ବିଭିନ୍ନ ପ୍ରକାରର ଲୋକନୃତ୍ୟ ଯଥା ନାଗା ନାଚ, ରାଜା ରାଣୀ ନାଚ, ବୁଢ଼ାବୁଢ଼ୀ ନାଚ, ସଖୀ ନାଚ, ଘୋଡ଼ାନାଚ ଆଦିରେ ଖଣ୍ଡମଣ୍ଡଳ ପ୍ରକମ୍ପିତ ହୋଇପଡେ। ମେଳଣ ପଡ଼ିଆରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ପ୍ରାୟ ଅଶୀ ଗୋଟି ଦୋଳ ବିମାନରେ ବିଜେ ହୋଇଥିବା ହରିହର ବିଗ୍ରହଙ୍କୁ ଦର୍ଶନ କରି, ସେମାନଙ୍କୁ ଫଗୁ ଅବିର , ଶୁଖୁଲି ଭୋଗ ନୈବେଦ୍ୟ ଅର୍ପଣ କରି ଶ୍ରଦ୍ଧାଳୁମାନେ ଧନ୍ୟ ହୋଇଥାନ୍ତି। ଏହି ସମୟରେ ଏଠାରେ ବହୁତ ବଡ଼ ମେଳା ଲାଗେ। କୁଲା ଛାଞ୍ଚୁଣିଠାରୁ ଆରମ୍ଭ କରି ଯାବତୀୟ ଘରକରଣା ଜିନିଷ, ସୌଖୀନ ସାମଗ୍ରୀ, ହସ୍ତଶିଳ୍ପର ଉଠାଦୋକାନ ଏବଂ ଖାଦ୍ୟପେୟର ବଜାର ଜମେ। ଏହି ମେଳାର ଆଉ ଏକ ମୁଖ୍ୟ ଆକର୍ଷଣ ହେଉଛି ଆତସବାଜି। ବାଣ ତିଆରି କରୁଥିବା କାରିଗରମାନେ ପ୍ରତିଯୋଗିତା କରି ଏଠାକାର ମାଇଲ ମାଇଲ ବ୍ୟାପୀ ଟାଙ୍ଗରା ଭୂଇଁରେ ବିଭିନ୍ନ ପ୍ରକାରର ଗଛ ବାଣ, ହାବେଳି, ଅନାରକଲି ଇତ୍ୟାଦି ଫୁଟାଇ ଥାଆନ୍ତି। ଆଖପାଖ ଅଞ୍ଚଳ ଏବଂ ବାହାର ରାଜ୍ୟରୁ ମଧ୍ୟ ହଜାର ହଜାର ଲୋକ ଛୁଟିଆସନ୍ତି ଏହି ଅପୂର୍ବ ମେଳା ଦେଖିବା ପାଇଁ।

-ସୁଷମା ପରିଡା
ଶାରଳା ଭବନ, ପୋଡା ପୋଖରୀ, କଟକ-୪
ମୋ :୯୩୩୭୨୭୨୬୪୭





# ହୋଲି କେଉଁଠି କେମିତି

**ରଙ୍ଗର ପର୍ବ ହୋଲି । କେଉଁଠି କେବଳ ଅବିର ଖେଳି ଲୋକେ ଏହି ଉତ୍ସବକୁ ପାଳନ କରିଥାନ୍ତି ତ ଆଉ କେଉଁଠି ନାଚଗୀତ, ମଉଜ ମଜ୍‌ଲିସ୍‌ରେ ଏହି ଦିନଟି ବିତିଯାଏ । ପୁଣି କେଉଁଠି ବେଶ୍ ନିଆରା ଢଙ୍ଗରେ ଏହି ପର୍ବକୁ ପାଳନ କରାଯାଉଥିବା ଦେଖିବାକୁ ମିଳେ। ଏଠାରେ ସେମିତି କିଛି ବିଶେଷ ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁଠାରେ ହୋଲିର କିଛି ଭିନ୍ନ ଛାପ ଦେଖିବାକୁ ମିଳେ...**

**ମଥୁରା ଓ ବୃନ୍ଦାବନ: ପାରମ୍ପରିକ ହୋଲି**

ମଥୁରା ଓ ବୃନ୍ଦାବନରେ ହୋଲିକୁ ସମ୍ପୂର୍ଣ୍ଣ ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ । ଏହି ଅବସରରେ ଏଠାରେ ଫଗୁ ଖେଳଠାରୁ ଆରମ୍ଭ କରି ରାଧାକୃଷ୍ଣଙ୍କ ନାମ ଉଚ୍ଚାରଣ ଏବଂ ନଗର ପରିକ୍ରମା ଅନୁଷ୍ଠିତ ହୋଇଥାଏ । ସେହିପରି ଶ୍ରୀକୃଷ୍ଣଙ୍କ ଜୀବନୀ ଉପରେ ଆଧାର କରି ସ୍ଥାନୀୟ ପିଲାମାନଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ନାଟକ ଏଠାକାର ଅନ୍ୟତମ ଆକର୍ଷଣ ସାଜେ ।

**ବରସାନା: ଲଠ୍‌ମାର୍ ହୋଲି**

ଉତ୍ତରପ୍ରଦେଶର ମଥୁରା ନିକଟରେ ବରସାନା(ରାଧାରାଣୀଙ୍କ ଜନ୍ମସ୍ଥାନ) ନାମରେ ଏକ ସ୍ଥାନ ଅଛି, ଯେଉଁଠି ହୋଲିପର୍ବକୁ ଖୁବ୍ ନିଆରା ଢଙ୍ଗରେ ପାଳନ କରାଯାଇଥାଏ । ସୂଚନାନୁଯାୟୀ, ପ୍ରତିବର୍ଷ ହୋଲି ଅବସରରେ ନନ୍ଦଗାଁରୁ କିଛି ଗୋପ ଯୁବକ ବରସାନା ଗାଁର ଗୋପୀମାନଙ୍କୁ ରଙ୍ଗ ଲଗାଇବା ପାଇଁ ଆସିଥାନ୍ତି । କିନ୍ତୁ ଏଠି ପହଞ୍ଚିଲା ପରେ ଗୋପୀମାନେ ହାତରେ ବାଡି ଧରି ସେମାନଙ୍କୁ ଘଉଡାଇବାକୁ ଚେଷ୍ଟା କରିଥାନ୍ତି । ଗୋପ ଯୁବକମାନେ ବିଭିନ୍ନ ପ୍ରକାର ଗୀତ ଗାଇ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥାନ୍ତି । କିନ୍ତୁ ସେଥିରେ ବି ଗୋପୀମାନଙ୍କର ରାଗ ଶାନ୍ତ ହୁଏ ନାହିଁ । ସେମାନେ ସମସ୍ତେ ଏକତ୍ର ହୋଇ ଗୋପ ଯୁବକଙ୍କୁ ପିଟିବା ପାଇଁ ବାଡି ଧରି ମାଡିଆସନ୍ତି ଆଉ ଯୁବକମାନେ ଢାଲ ଧରି ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିଥାନ୍ତି, ଯାହା ଦେଖିବା ପାଇଁ ଖୁବ୍ କୌତୁକିଆ ଲାଗିଥାଏ । ଏହି ଖେଳକୁ ସ୍ଥାନୀୟ ଲୋକେ ଲଠ୍‌ମାର୍ ହୋଲି କହିଥାନ୍ତି । ଏଥିରେ କୌଣସି ପ୍ରକାରର ରାଗ, ହିଂସା ନ ଥାଏ ବରଂ ଏହା ଏଠାକାର ଏକ ପରମ୍ପରା ଭାବେ ପ୍ରତିବର୍ଷ ପାଳିତ ହୋଇଆସୁଛି ।

**ଶାନ୍ତିନିକେତନ: ସାଂସ୍କୃତିକ ହୋଲି**

ପଶ୍ଚିମବଙ୍ଗସ୍ଥିତ ଶାନ୍ତିନିକେତନରେ ହୋଲି ପର୍ବକୁ ବସନ୍ତ ଉତ୍ସବ ଭାବେ ପାଳନ କରାଯାଇଥାଏ । ସୂଚନାନୁଯାୟୀ, ଲୋକପ୍ରିୟ କବି ରବୀନ୍ଦ୍ରନାଥ ଟାଗୋର ଶାନ୍ତିନିକେତନରେ ଏହି ଉତ୍ସବ ପ୍ରଥମେ ଆରମ୍ଭ କରିଥିଲେ । ସେବେଠାରୁ ପ୍ରତିବର୍ଷ ଏହି ଉତ୍ସବ ଏଠାରେ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି । ହୋଲି ଖେଳ ସାଙ୍ଗକୁ ଗୀତ ଓ ନାଚର ଆସର ଏଠାକାର ପରିବେଶକୁ ବେଶ୍ ରଙ୍ଗିନ୍ କରିଦିଏ ।

**ପୁରୁଲିଆ: ସାଂସ୍କୃତିକ ହୋଲି**

ପଶ୍ଚିମବଙ୍ଗସ୍ଥିତ ପୁରୁଲିଆର ସାଂସ୍କୃତିକ ଐତିହ୍ୟ ବି ଖୁବ୍ ସମୃଦ୍ଧ । ଏଠାରେ ପାଳିତ ହେଉଥିବା ପ୍ରତିଟି ପର୍ବ ସମୟରେ ପାରମ୍ପରିକ ନୃତ୍ୟକଳା ପରିବେଷଣ କରିବା ଏଠାକାର ଏକ ସ୍ୱତନ୍ତ୍ରତା । ଖାସ୍ କରି ହୋଲି ସମୟରେ ସ୍ଥାନୀୟ ବାସିନ୍ଦା ପଳାଶ ଫୁଲରେ ତିଆରି ଶୁଖିଲା ରଙ୍ଗ ସାଙ୍ଗେ ହୋଲି ଖେଳିବା ସହିତ ବିଭିନ୍ନ ପ୍ରକାର ଲୋକକଳା ପରିବେଷଣ କରିବାକୁ ବେଶ୍ ଉତ୍ସାହିତ ଥା'ନ୍ତି । ରଙ୍ଗ ଖେଳ ସହ ପାରମ୍ପରିକ ଲୋକକଳାକୁ ନିକଟରୁ ଦେଖିବା ଓ ଜାଣିବାର ସୁଯୋଗ ଥିବାରୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ପୁରୁଲିଆ ଆସିବାକୁ ଇଚ୍ଛା କରିଥା'ନ୍ତି ।

**ଉଦୟପୁର: ରୟାଲ୍ ହୋଲି**

ରାଜସ୍ଥାନର ଉଦୟପୁରରେ ହୋଲି ଅବସରରେ ହୋଲିକା ଦହନ ପାଳନ କରାଯାଇଥାଏ । ଏହାକୁ ମୁଖ୍ୟତଃ ମେୱାଡ୍ ରାଜ ପରିବାରର ବଂଶଧରମାନେ ପାଳନ କରିଥାନ୍ତି । ହୋଲିକା ଦହନ ପାଇଁ ଯିବା ପୂର୍ବରୁ ରାଜ ପରିବାରର ପ୍ରତ୍ୟେକ ସଦସ୍ୟ ପାରମ୍ପରିକ ପୋଷାକ ପିନ୍ଧିଥାନ୍ତି । ସେମାନଙ୍କ ସହିତ ରୟାଲ୍ ବ୍ୟାଣ୍ଡ ମଧ୍ୟ ଶୋଭାଯାତ୍ରାରେ ଯାଇଥାଏ ।

**ଦିଲ୍ଲୀ: ମ୍ୟୁଜିକାଲ୍ ହୋଲି**

ଦିଲ୍ଲୀର ଅଧିକାଂଶ ସ୍ଥାନରେ ମ୍ୟୁଜିକାଲ୍ ହୋଲିର ଆୟୋଜନ ହୋଇଥାଏ ; ଯେଉଁଠାରେ ପର୍ଯ୍ୟଟକ ଫଗୁ, ଅବିର ସାଥେ ହୋଲି ଖେଳିବା ସହ ବିଭିନ୍ନ ପ୍ରକାରର ଥଣ୍ଡା ପାନୀୟ ପିଇବେ ଓ ତା'ସାଙ୍ଗକୁ ମ୍ୟୁଜିକ୍‌ର ତାଳେତାଳେ ନାଚ କରିପାରିବେ ।

**ପଞ୍ଜାବ: ହୋଲା ମୋହଲ୍ଲା**

ହୋଲିର ଠିକ୍ ପରଦିନ ଏଠାରେ ହୋଲା ମୋହଲ୍ଲା ପାଳନ କରାଯାଇଥାଏ ; ଯାହା ପ୍ରାୟ ତିନ ଦିନ ଧରି ଚାଲେ । ଏହା ଶିଖ୍‌ମାନଙ୍କର ଏକ ପ୍ରମୁଖ ପର୍ବ । ପର୍ଯ୍ୟଟକ ହୋଲି ସମୟରେ ପଞ୍ଜାବ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ ।





# ଏଣ୍ଡୁଅ ରଙ୍ଗ ବଦଳାଏ କେମିତି




**ସବୁଜ ପତ୍ର ଭିତରେ ସେ ସବୁଜ, କାଠ ଉପରେ ପାଲଟେ ଧୂସର । ପରିବେଶ ଓ ପରିସ୍ଥିତି ଅନୁସାରେ ରଙ୍ଗ ବଦଳାଇବାରେ ମାହିର୍ । ସେ ହେଉଛି ବହୁରୂପୀ ଏଣ୍ଡୁଅ। ତେବେ ପ୍ରକୃତରେ କ'ଣ ବହୁରୂପୀ ଏଣ୍ଡୁଅ ରଙ୍ଗ ବଦଳାଏ? ଯଦି ବଦଳାଏ କେମିତି ବଦଳାଏ? ଜାଣନ୍ତୁ ସେ ସମ୍ପର୍କରେ ..**

ବହୁରୂପୀ ଏଣ୍ଡୁଅ, ଏକ ଛଦ୍ମବେଶୀ ପ୍ରାଣୀ । ରଙ୍ଗ ବଦଳେଇବାରେ ବେଶ୍ ମାହିର । ସେ ଶତ୍ରୁ କବଳରୁ ରକ୍ଷା ପାଇବା ପାଇଁ ହେଉ କି ଛଦ୍ମବେଶରେ ଲୁଚି ରହି ଶିକାର କରିବା ପାଇଁ ହେଉ, ଅବା ସାଥୀକୁ ଆକର୍ଷଣ କରିବା ପାଇଁ ବହୁରୂପୀ ଏଣ୍ଡୁଅ ଶରୀରର ରଙ୍ଗ ବଦଳୁଥିବା ଦେଖିବାକୁ ମିଳେ । ତେବେ ଏହା ହୁଏ କେମିତି ? ଏ ସମ୍ପର୍କରେ ବିଶେଷଜ୍ଞ କୁହନ୍ତି– ଏଣ୍ଡୁଅର ତ୍ୱଚା ଟ୍ରାନ୍ସପରେଣ୍ଟ ବା ପାରଦର୍ଶୀ । ଆଉ ଏହାର ତଳେ ଅଲଗା ଅଲଗା ରଙ୍ଗର ପିଗ୍‌ମେଣ୍ଟ କୋଷିକା ବା କ୍ରୋମାଟୋଫର ସେଲ୍‌ସ ଥାଏ । ଏଥିରେ ହଳଦିଆ, କଳା ଓ ଲାଲରଙ୍ଗର ଦାନାଦାର ପିଗ୍‌ମେଣ୍ଟ ଥାଏ । ଏହି ଦାନାଦାର ପିଗ୍‌ମେଣ୍ଟଗୁଡ଼ିକ କେବେ ଏକାଠି ହୋଇଯାଆନ୍ତି ତ କେବେ ପ୍ରସାରିତ ହୋଇ ଅଲଗା ଅଲଗା ହୋଇଯାଆନ୍ତି । ଯେବେ କୋଷଗୁଡ଼ିକ ସଙ୍କୁଚିତ ହୁଅନ୍ତି ପିଗ୍‌ମେଣ୍ଟଗୁଡ଼ିକ ପାଖକୁ ପାଖକୁ ଆସି ଗଭୀର ରଙ୍ଗର ଯେମିତିକି କଳାରଙ୍ଗ ଭଳି ଦେଖାଯାଏ । ଯେବେ କୋଷଗୁଡ଼ିକ ପ୍ରସାରିତ ହୋଇ ଅଲଗା ଅଲଗା ହୋଇଯାଆନ୍ତି ହାଲୁକା ଅବା ଅଲଗା ଅଲଗା ରଙ୍ଗରେ ନଜର ଆସନ୍ତି । ଏହି କୋଷଗୁଡ଼ିକ ବ୍ୟତୀତ ଏଣ୍ଡୁଅର ଚର୍ମ ତଳେ ଇରିଡୋଫୋରିସ କୋଷ ବି ଥାଏ । ଯାହା ଭିତରେ ନାନୋ ଫୋଟୋନିକ କ୍ରିଷ୍ଟାଲ ମହଜୁଦ ଥାଏ । ଏହି କ୍ରିଷ୍ଟାଲ୍ସ ପ୍ରକାଶ ତଥା ଆଲୋକର ୱେଭଲେନ୍ଥକୁ ରିଫ୍ଲେକ୍ଟ କରି ରଙ୍ଗ ବଦଳାଇବାରେ ସାହାଯ୍ୟ କରେ । ଯେମିତିକି ଏହି କୋଷଗୁଡ଼ିକ ଯଦି ପ୍ରକାଶର ନୀଳ ଅବା ସବୁଜ ରଙ୍ଗର ଦିଗ ଆଡ଼କୁ ଯାଇଥାଏ, ଏଣ୍ଡୁଅର ତ୍ୱଚା ନୀଳ ଓ ସବୁଜ ରଙ୍ଗର ଦେଖାଯାଏ । ଅର୍ଥାତ୍ ଲାଇଟ୍‌ର ରିଫ୍ଲେକ୍ସନରେ ଏଣ୍ଡୁଅର ରଙ୍ଗ ବଦଳୁଥିବା ଭଳି ଦେଖାଇଥାଏ । ଏହାର ଅର୍ଥ ହେଉଛି ଏଣ୍ଡୁଅ ରଙ୍ଗ ବଦଳାଇ ନ ଥାଏ । ବରଂ ତା'ର ତ୍ୱଚାର ଷ୍ଟ୍ରକ୍ଚର ଏଭଳି ହୋଇଥାଏ ଯେ, ଅଲଗା ଅଲଗା କଣ୍ଡିଶନ୍‌ରେ ଏହା ଅଲଗା ଅଲଗା ରଙ୍ଗର ଦେଖାଯାଏ । ଏହି କାରଣରୁ ହିଁ ଏଣ୍ଡୁଅ ଯେଉଁ ରଙ୍ଗର ସ୍ଥାନରେ ଠିଆ ହୁଏ ସେହିଭଳି ଦେଖାଯାଏ । ଯଦି ଏଣ୍ଡୁଅ ସବୁଜ ପତ୍ର ଭିତରେ ଥାଏ ସବୁଜ ରଙ୍ଗର ହୋଇଯାଏ । ଶୁଖିଲା କାଠ ପାଖରେ ଥିଲେ କାଠ ଭଳି ରଙ୍ଗ ହୋଇଯାଏ । କୌଣସି ପଥର ଉପରେ ରହିଲେ ପଥରର ରଙ୍ଗ ଭଳି ହୋଇଯାଏ । ଆଉ ଲୋକଙ୍କୁ ଲାଗେ ଏଣ୍ଡୁଅ ରଙ୍ଗ ବଦଳାଉଛି । ବରଂ ଫୋଟୋନିକ କ୍ରିଷ୍ଟାଲର ପରସ୍ତ ପ୍ରକାଶର ରିଫ୍ଲେକ୍ସନ କରାଇଥାଏ । ଆବେଗ, ପ୍ରକାଶ ଓ ତାପମାତ୍ରା ପାଇଁ ବି ଏଣ୍ଡୁଅର ରଙ୍ଗ ବଦଳିଥାଏ । କାରଣ ଯେବେ ଏଣ୍ଡୁଅର କୋଷଗୁଡ଼ିକ ସଙ୍କୁଚିତ ଓ ପ୍ରସାରିତ ହୁଏ ତା'ର ଦାନାଦାର ପିଗ୍‌ମେଣ୍ଟ ରଙ୍ଗ ବଦଳିବା ପରି ଦେଖାଯାଏ । ଯେମିତିକି ଏଣ୍ଡୁଅକୁ ଯେବେ କ୍ରୋଧ ଆସେ ଅବା ଡର ଲାଗେ ତା'ର ନର୍ଭସ ସିଷ୍ଟମ ଏହାର କୋଷିକାଗୁଡ଼ିକୁ ବାର୍ତ୍ତା ପଠାଇଥାଏ । ଏଥିପାଇଁ ଏଣ୍ଡୁଅର ରଙ୍ଗ କଳା ହୋଇଯାଏ । ଏହା ବାଦ୍ ଉତ୍ତେଜନା ଓ ଭୟ ସମୟରେ ତ୍ୱଚାରେ ହଳଦିଆରଙ୍ଗର ଦାଗ ଦେଖାଯାଏ । ଏହା ବାଦ୍ ତାପମାତ୍ରା ପରିବର୍ତ୍ତନରେ ବି ଏଣ୍ଡୁଅ ଶରୀରର ରଙ୍ଗ ବଦଳିଥାଏ । ସୂର୍ଯ୍ୟଙ୍କ ଉତ୍ତାପ ପ୍ରଖର ହେଲେ ଏଣ୍ଡୁଅ କଳାରଙ୍ଗର ହୋଇଯାଆନ୍ତି । ତେବେ ଯଦି ଅନ୍ଧାରରେ ଗରମ ହୁଏ ତା'ର ଶରୀର ସବୁଜ ରଙ୍ଗର ହୋଇଯାଏ ।


**ଶୋଇବା ସମୟରେ ରଙ୍ଗ:** ଏଣ୍ଡୁଅ ଯେବେ ଶୁଅନ୍ତି ରଙ୍ଗ ନିୟନ୍ତ୍ରଣ ଶୀଥିଳ ହୋଇଯାଏ । ଫଳରେ ଶୋଇଥିବା ଏଣ୍ଡୁଅର ରଙ୍ଗ ବହୁତ ହାଲୁକା ହୋଇଯାଏ । ଏହା ଏଇଥିପାଇଁ ହୁଏ ଯେ, ପ୍ରକାଶକୁ ଅବଶୋଷିତ କରୁଥିବା କିଛି ବର୍ଣ୍ଣ କୋଷିକା ଶୀଥିଳ ହୋଇଯାଇଥାଏ ।

ରଙ୍ଗ ବଦଳୁଥିବା କାରଣରୁ ବହୁରୂପୀ ଏଣ୍ଡୁଅ କୀଟପତଙ୍ଗକୁ ଧୋକା ଦେଇ ସହଜରେ ଶିକାର କରିପାରେ । ଏହା ବାଦ୍ ଏଣ୍ଡୁଅ କେବେ କେବେ ନିଜ ସାଥୀକୁ ସଙ୍କେତ ଦେବାପାଇଁ ମଧ୍ୟ ରଙ୍ଗ ବଦଳାଇଥାଏ ।





# ରୋବୋଙ୍କ ସମୂହ ନୃତ୍ୟ



ରୋବୋ ଆଜିକାଲି ଅନେକ ଅସମ୍ଭବ କାମକୁ ସମ୍ଭବ କରିପାରୁଛନ୍ତି । ତାହା ସହ ରୋବୋ ମନୋରଞ୍ଜନ ବି କରୁଛନ୍ତି । ଯେମିତିକି କିଛି ରୋବୋ ଏବେ ଖୁବ୍ ସୁନ୍ଦର ନୃତ୍ୟ କରିପାରୁଛନ୍ତି । ଖାଲି ଯେ, ନୃତ୍ୟ କରୁଛନ୍ତି ତାହା ନୁହେଁ, ନୃତ୍ୟ କରି ରେକର୍ଡ ବି କରୁଛନ୍ତି । ଏଇ ଯେମିତି ଗୋଟିଏ ବଡ଼ ସ୍ଥାନରେ ୧୩୭୨ଟି ଛୋଟ ଛୋଟ ହ୍ୟୁମାନୋଏଡ ରୋବୋ କିଛି କିଛି ବ୍ୟବଧାନ ଅନ୍ତରାଳରେ ଠିଆ ହୋଇ ବିଭିନ୍ନ ପ୍ରକାରର ଡ୍ୟାନ୍ସ ଷ୍ଟେପ୍‌କୁ ଏକା ସମୟରେ କରି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି । ଏହି ରେକର୍ଡ ଇଟାଲୀରେ ହୋଇଥିଲା । ଉକ୍ତ ରେକର୍ଡ ପାଇଁ ବ୍ୟବହାର ହୋଇଥିଲା ଆଲ୍‌ଫା ୧ଏସ୍ ରୋବୋ । ଯାହାର ଉଚ୍ଚତା ୪୦ ସେ.ମି.ରୁ କମ୍ ଥିଲା । ଆଲୁମିନିୟମ ଆଲୋୟରେ ତିଆରି ଏହି ରୋବୋରେ ପ୍ଲାଷ୍ଟିକ୍ କୋଟ୍ ଦିଆଯାଇଛି । ଆଉ ଏହି ରୋବୋଗୁଡ଼ିକୁ ତିଆରି କରିଛି ଚାଇନାର ଉବଟେକ୍ କମ୍ପାନୀ । ରେକର୍ଡ ପାଇଁ ରୋବୋଗୁଡ଼ିକ ନୃତ୍ୟ କରିବାବେଳେ ସବୁ ରୋବୋର ଭଲଭାବେ ଭିଡିଓ ଶୁଟ୍ କରାଯାଇଥିଲା । ଆଉ ନଜର ରଖାଯାଉଥିଲା ଯେମିତିକି ସବୁ ରୋବୋ ଏକ ସମୟରେ ସଙ୍ଗୀତର ତାଳେ ତାଳେ ସମାନ ଷ୍ଟେପ୍‌ରେ ନୃତ୍ୟ କରୁଛନ୍ତି ନା ନାହିଁ । ଏହି ରୋବୋ ଖୁବ୍ ଫ୍ଲେକ୍ସିବଲ୍ । ତେଣୁ ଯେକୌଣସି ଗୀତ ସହ ତାଳ ଦେଇ ଖୁବ୍ ସୁନ୍ଦର ମୁଭ୍ କରିପାରେ । ଏତେ ସଂଖ୍ୟକ କ୍ୟୁଟ୍ ରୋବୋ ଯେତେବେଳେ ମ୍ୟୁଜିକ୍‌ର ତାଳେ ତାଳେ ଡାନ୍ସ କରୁଥିଲେ, ଦୃଶ୍ୟଟି ବେଶ୍ ରୋଚକ ଲାଗୁଥିଲା । ସବୁ ରୋବୋ ସମାନ ମୁଭ୍ କରି ରେକର୍ଡ କରିବାରେ ସଫଳ ହେଲେ ।

# ଆଙ୍କୁଡ଼ି-ବଙ୍କୁଲିବାଡ଼ି ଓ ମୁଁ



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

'ମୁଁ' ବାଡ଼ିରେ ଫୁଲଗଛ ଲଗେଇବାଠାରୁ ଆଙ୍କୁଡ଼ି, ବଙ୍କୁଲିବାଡ଼ିର ମହତ୍ତ୍ୱ ବେଶି ବୁଝେ । ଗଡ଼ଙ୍କୁ ଡାକିବାଠାରୁ ଗୋଡ଼ ଟଣାରେ ମୁଁ ଅଧିକ ବିଶ୍ୱାସ କରେ । ଫୁଲଗଛ ଲଗେଇ, ତା'ର ଯତ୍ନନେଇ, ପାଣିଦେଇ, ଖତ ସାର ଯୋଗେଇ, ବାଡ଼ ବୁଜେଇ, ଗଛ ବଢ଼େଇ, ଫୁଲ ତୋଳି ଠାକୁରଙ୍କ ଗଳାର ମାଳି କରିବା କି ପାଦରେ ଢାଳି ନିଜ ଦୁଃଖ ବିନାଶନ ପାଇଁ ପ୍ରାର୍ଥନା କରିବାର ଝମେଲାରେ ପଶେନି । କାରଣ ମୁଁ ଜନ୍ମରୁ ନିଜକୁ ବଡ଼ ବୁଦ୍ଧିଆ, ମହାଜ୍ଞାନୀ, ସବୁ ପାରିବାପଣିଆରେ ଧୁରନ୍ଧର ବୋଲି ଧରି ନେଇଛି । ସେଇଥିପାଇଁ ସକାଳୁ ଆଙ୍କୁଡ଼ି ନେଇ ବଙ୍କୁଲି ବାଡ଼ି ବଢ଼େଇ ଅଳ୍ପ ସମୟରେ ମନ ଇଚ୍ଛା ଫୁଲ ତୋଳି ପାରୁଛି । ମୁଁ ସର୍ବଗୁଣରେ ସାର, ଆଉ ସମସ୍ତେ ଦୋଷର ଆକର ବୋଲି ବୁଝିପାରିଥିବାରୁ, ଯେତେବେଳେ ଯୋଉଠି ଯେତେ ସମ୍ମାନ ଯାହାଙ୍କୁ ମିଳୁଛି, ତାହା ଯେ ମୋର ଅସଲ ପ୍ରାପ୍ୟ ଏକଥା ମୁଁ ସବୁବେଳେ ଦାବି କରୁଛି । ତେଣୁ ପତ୍ର ପତ୍ରିକାରେ, ସୋସିଆଲ ମିଡିଆରେ, ଖବରକାଗଜରେ, ବନ୍ଧୁ ଗହଣରେ, ଭାଷଣରେ ଅନ୍ୟର ବଡ଼େଇ ସହ୍ୟ ହୁଏନି ବୋଲି ନିଜର ଉଦାହରଣ ଅତି ସୁନ୍ଦର ଭାବରେ ପ୍ରଦାନ କରି ମୋର ପାଣ୍ଡିତ୍ୟକୁ ସାହସ ଓ ଦମ୍ଭର ସହିତ ଉପସ୍ଥାପନ କରିପାରୁଛି ।

ମୁଁ ଜଗତରେ ଏକମାତ୍ର ସୁର, ଆଉ ସବୁ ଅସୁର । ମୁଁ ହିଁ ମଣିଷ, ଆଉ ସମସ୍ତେ ରାକ୍ଷସ, ଏହା କେବଳ ମୁଁ ଦେଖିପାରେ ଓ ଜାଣିପାରେ । ହେଲେ ମୂର୍ଖଗୁଡ଼ା ମୋତେ ଚିହ୍ନି ନ ପାରି ବଡ଼ ଭୁଲ କରୁଛନ୍ତି । ନାଇଁ.. ନାଇଁ .. ବହୁତ ପାପ କରୁଛନ୍ତି । ମୁଁ ସବୁ ବିଷୟରେ ମୋର ଜ୍ଞାନକୁ ମସ୍ତିଷ୍କ ଦେହରେ ସାଇତି ରଖିଛି । ସାହିତ୍ୟ ସଭା ହେଉ କି କବିତା ମଞ୍ଚ, ସଂଗୀତ ହେଉ କି ଭୋଜି ପଙ୍ଗତ, ରୀତି ଗୀତି ରାଜନୀତି, ନ୍ୟାୟ ନିଶାପ, କୋଉ ଗୁଣରେ ମୋର ଜ୍ଞାନ ଅଳପ ବୋଲି ଜମା ଭାବିବେନି, କହି ଦେଉଛି । ମୁଁ ଯେ ଏତେ ଜ୍ଞାନୀ ଗୁଣୀ ହୋଇଛି ସର୍ବଜ୍ଞ ପାଲଟିଛି, ସେଇଟା ମୋ ମାତାଙ୍କ ଗର୍ଭରୁ ଜାତ ହେବାଠାରୁ ବଢ଼ି ବଢ଼ି ଚାଲିଛି । ମୁଁ ପିତା ମାତା,ନେତା ଜନତା, ଶ୍ରୋତା, ବକତା ସମସ୍ତଙ୍କ ଦୁଃଖ ଅସୁବିଧା ଅଭାବ କ'ଣ– ତାହା ଭଲରେ ଜାଣେ । ସମସ୍ତଙ୍କ କଥା ବ୍ୟଥା ବୁଝେ । ମାତ୍ର ମୋତେ ଚିହ୍ନିଲା ବୁଝିଲା ଲୋକ ନାହାନ୍ତି କହିଲେ ଚଳେ । କାରଣ ଯଦି ତାଙ୍କର ସେଇ ଜ୍ଞାନଚକ୍ଷୁ ଥାଆନ୍ତା କି ତାଙ୍କ ଭିତରେ ଜାଣିବା ଶକ୍ତି ଭରିହୋଇଥାନ୍ତା, ତେବେ ମଞ୍ଚକୁ ଭାଷଣ ଦେବାକୁ ମୋତେ ନ ଡାକି ଅନ୍ୟଙ୍କୁ ଡାକୁଛନ୍ତି କିଆଁ ? ମୋ ଭଳି ପ୍ରତିଭାଶାଳୀ ପ୍ରଜ୍ଞାଜନଙ୍କୁ ଭୁଲି ଅନ୍ୟଙ୍କୁ ସମ୍ମାନିତ କରୁଛନ୍ତି କିଆଁ ? ଏସବୁ ଖାଲି ତୁଚ୍ଛା ଈର୍ଷା ଓ ଅସହିଷ୍ଣୁତା ବୋଲି ମୁଁ ବୁଝିପାରୁଛି । ଏହାର ଅର୍ଥ ମୁଁ ଯେତେ ଉଚ୍ଚସ୍ତରକୁ ଚଢ଼ି ଯାଇଛି ଆଉ ଏତେ ଉଚ୍ଚ ଡାଳରେ ବସିଛି ଯେ, ସେଇ ଯାଏ ଅନ୍ୟଙ୍କ ପ୍ରଗତି ହୋଇ ନାହିଁ ବୋଲି ମୋର ପ୍ରତିଭାର ସମ୍ମାନ ଦେଇପାରୁ ନାହାନ୍ତି । ସବୁଠୁ ବଡ଼ଗୁଣ ହେଲା ମୋର ଏତେ ଟିକିଏ ବି ଗର୍ବ ନାହିଁ କି ଅହଂକାର ମୋ ଛାୟା ଛୁଇଁ ପାରିନାହିଁ । ମୁଁ ଦେଖୁଛି ଜଗତରେ ସମସ୍ତେ କ୍ଷମତାଲୋଭୀ, ଗର୍ବୀ ଅହଙ୍କାରୀ ଓ ପ୍ରଶଂସାଲୋଭୀ । ସବୁ ବଡ଼ ଅଫିସର ନେତା ମନ୍ତ୍ରୀଙ୍କର, ଏପରି କି ସବୁ ପିଲାପାଳକଙ୍କଠାରୁ ଜିଲାପାଳ, ରାଜ୍ୟପାଳ, ରାଷ୍ଟ୍ରପାଳକଙ୍କ ପରାମର୍ଶଦାତା ରହିଲା ଭଳି ମୋର ଯୋଗ୍ୟତା । ଖାଲି ଯାହା ଆମ ଦେଶର ମଣିଷ ମୋତେ ଚିହ୍ନି ପାରୁନାହାନ୍ତି । ଆଉ ସେଇଟା ହିଁ ମୋର ଅସଲ ଦୁଃଖ । ନ ହେଲେ ତ ବିଶ୍ୱକୁ ଦେଖେଇ..ବିଶ୍ୱକର୍ମାଙ୍କୁ ବୁଦ୍ଧି ବତେଇ ଦେଶକୁ ସର୍ବନାଶର ସର୍ବ



ଶ୍ରେଷ୍ଠ ସ୍ଥାନରେ କେବେଠାରୁ ପହଞ୍ଚେଇ ଦେଇ ସାରନ୍ତାଣି । ଆରେ ଯିଏ ଆଙ୍କୁଡ଼ି ବଙ୍କୁଲି ବାଡ଼ିରେ ପର ବାଡ଼ିରୁ ଉଚ୍ଚା ଡାଳ ଝୁଙ୍କେଇ ଫୁଲ ଫଳ ତୋଳି ପାରୁଛି, ଯିଏ ଉଚ୍ଚକୁ ଚଢ଼ୁଥିବା ଲୋକର ଗୋଡ଼ ଭିଡ଼ିବା ଭଳି କାମ କ'ଣ କରିପାରିବନି ? ନା ବୁଦ୍ଧିର ବାଙ୍କୁଲିବାଡ଼ି ଲଗେଇ ପରଘର ଧନ ସମ୍ପତ୍ତି ଟାଣି ଆଣି ନିଜ ଘରେ ଜମେଇ ପାରିବନି ? ମୁଁ ସବୁ କରିପାରେ । ମୁଁ ସାମ୍ୟବାଦୀ ଆଦର୍ଶରେ ବିଶ୍ୱାସ କରେ ବୋଲି ତ ସମସ୍ତଙ୍କ ଗୋଡ଼ ଭିଡ଼ି ତଳେ ସମାନ ଭୂଇଁରେ ଛିଡ଼ା କରେଇବା କାମ ନିଖୁଣ ଭାବରେ କରେ । ସାଧୁସନ୍ଥ ବାବାଜୀ ଦେଖିଲେ ମୋ ହାଡ଼ ଚିଡ଼େ । ଆରେ ଭାଇ ତୁମେ ସବୁ ସଂସାରଛଡ଼ା ସନ୍ୟାସୀ, ଧ୍ୟାନ କରି ଶାନ୍ତି ଅର୍ଜନ ପାଇଁ ଘରର ଦାୟିତ୍ୱ ନ ନେଇ ବାହାରକୁ ଗଲ ପୁଣି ଏତେ ପ୍ରାସାଦ ସମ ଘର, ମୋଟରଗାଡ଼ି, ଚେଲାଚାମୁଣ୍ଡା ଧରି ଏହି ସଂସାରୀ ଲୋକଙ୍କ ଆଗରେ ଲଟର ପଟର କାହିଁକି ହେଉଛ !

ମୁଁ ସବୁବେଳେ 'ମୁଁ' । ମୋ 'ମୁଁ' ର ସମକକ୍ଷ କିଏ ଅଛନ୍ତି –ତାହା ମୁଁ ଜାଣେ ନାହିଁ । ଜାଣିବା ବି ଦର୍କାର ନାହିଁ । ମୁଁ ମୋ ଆଙ୍କୁଡ଼ି–ବଙ୍କୁଲି ବାଡ଼ି ଉପରେ ବେଶି ବିଶ୍ୱାସ ଓ ଭରସା ରଖିଛି, ମଣିଷ ଉପରେ ନୁହେଁ । ମୁଁ ସେଇମାନଙ୍କୁ ମଣିଷ ବୋଲି ବୁଝେ, ଯିଏ ମୋତେ ସମ୍ମାନ ଦିଅନ୍ତି, ମାନପତ୍ର ଉପଢୌକନ ମଞ୍ଚରେ ଦେଇ ମୋର ଉଚ୍ଚ ଗୁଣଗାନ କରନ୍ତି, ମୁଁ କହୁଥିବା କଥାକୁ କାନ ଡେରି ଶୁଣନ୍ତି, 'ମୁଁ' ଯେ ଅପ୍ରତିଦ୍ୱନ୍ଦ୍ୱୀ ଏବଂ ଏକମାତ୍ର ଯୋଗ୍ୟ ବ୍ୟକ୍ତି ବୋଲି ଯେଉଁମାନେ କହି ବୁଲନ୍ତି । କାରଣ ସୁନାକୁ ବଣିଆ ଚିହ୍ନିଲା ଭଳିଆ ସେମାନେ ମୋ ଅନନ୍ୟ ପ୍ରତିଭାକୁ କେବେ ପ୍ରତିବାଦ କରି ବାଦ ବିବାଦରେ ଫସନ୍ତି ନାହିଁ ।

ଲୋକେ କହନ୍ତି ମୁଁ ବହୁ ଘର ଭାଙ୍ଗିଛି, ବହୁ ଲୋକଙ୍କ ପୁରସ୍କାର ସମ୍ମାନ ଛଡ଼େଇ ନେଇଛି, ବହୁ ବିଜ୍ଞ ଲୋକଙ୍କୁ ବୋକା ବନେଇଛି, ଅସଲ ଅଧିକାରୀଙ୍କ ଅଧିକାର ଛଡେଇ ନେଇଛି ! ହେଲେ ସେମାନେ ମୋ ସହିତ ତୁଳନୀୟ ନୁହନ୍ତି । କାରଣ ମୁଁ କ'ଣ ମୋ ବ୍ୟତୀତ ଆଉ କେହି ଜାଣନ୍ତି ନାହିଁ । ମୋ ବାଡ଼ି ସିନା ବଙ୍କା, ମାତ୍ର ମୁଁ ସଳଖା । ଖା ଖା ବୋଲି କାହାକୁ କେବେ କିଛି ନ ଖୁଆଇ, ଆପେ ଖାଇ ଖାଇ ମୁଁ ସର୍ବଗିଳା ହୋଇଯାଇଛି । ମୁଁ ଲଙ୍କା ଖାଏ, ଟଙ୍କା ଖାଏ, ଗାଳି ଖାଏ, ତାଳି ମୋ ଭାଗ୍ୟରେ ନ ଥାଏ ସିନା, ମାତ୍ର ପ୍ରଶଂସାର ପ୍ରମାଣ ପତ୍ର ମୋ କାନ୍ଥରେ ଝୁଲୁଥାଏ । ମୁଁ ମୋ ସ୍ତ୍ରୀର ଭଲ ସ୍ୱାମୀ, ପିଲାର ଭଲ ବାପ, ସାଙ୍ଗମାନଙ୍କ ପାଇଁ ସିନା ଭଲ ସାଙ୍ଗ ବୋଲି ଶୁଣିବାର ସୁବିଧା ପାଇନି, ମାତ୍ର ମୁଁ ସବୁଠି ଶ୍ରେଷ୍ଠ ବୋଲି କହିବାରେ ଓ ଅନ୍ୟର ନିନ୍ଦାକରି ମୁଣ୍ଡ ବିନ୍ଧେଇବାରେ କେବେ ହେଳା କରିନାହିଁ.. ଏ କଥା ଛାତିରେ ହାତ ପିଟି କହିପାରିବି । ମୁଁ ନିଜକୁ ସିନା କେବେ ନୁଆଇଁ ନାହିଁ, ହେଲେ ସମସ୍ତଙ୍କୁ ନୁଆଇଁ ପାରିଛି । ସଳଖ ଚାଲୁଛି କହି ଦେହ ବଙ୍କେଇ ହେଲା ପରଠାରୁ ବଙ୍କୁଲିବାଡି ଧରି ଚାଲୁଛି । ମଲାପରେ ମୋ ଦେହକୁ ବଙ୍କେଇ ବାଙ୍କେଇ ମୋଡ଼ିକି ହାତ ଗୋଡ଼ ଭାଙ୍ଗିକି ଚୁଲିରେ ଜାଳିଦେବେ, ସେ କଥା ବି ଜାଣିଛି । ତଥାପି ମୁଁ କି ମୋ ଅହଂକାର କେବେ ବି ବଙ୍କା ହୋଇନି । ମୁଁ ଆଙ୍କୁଡ଼ିରେ ଅନ୍ୟ ଗୋଡ଼ ଭିଡ଼ିବା ଆଦର୍ଶକୁ ଆପଣେଇଛି ! ପର ବାଡ଼ିରୁ ଫୁଲଗଛ ଡାଳ ଭିଡୁ ଭିଡୁ ଧନ ମୋହରେ ପଡ଼ି ପରମ ଧନ ପରମାତ୍ମାଙ୍କୁ ପର କରି ସାରିଛି । ମୁଁ ପଇସା ଓ ପ୍ରଶଂସା ପଦବୀ ପଛରେ ସାରା ଜୀବନ ଧାଇଁଛି ! ଭଗବାନଙ୍କୁ ହୃଦୟରୁ ତଡ଼ି 'ମୁଁ ରୂପକ ସୈତାନକୁ ଭିତରେ ପୋଷିଛି ବୋଲି ଯେଉଁ ଧର୍ମଛଡ଼ା ଲୋକେ କହିବୁଲୁଛନ୍ତି ନା ତାଙ୍କୁ କିଏ ଶୁଣୁଛି ନା ଜାଣୁଛି..!

–ମଙ୍ଗରାଜପୁର, ବୀର ହରେକୃଷ୍ଣପୁର, ପୁରୀ
ମୋ:୭୦୦୮୧୮୮୪୭

## ପୁସ୍ତକ ସମୀକ୍ଷା

### ନଈର ଏକୂଳ ସେକୂଳ

ଗାଳ୍ପିକ : ପ୍ରଦ୍ୟୁମ୍ନ ପଟ୍ଟନାୟକ
ପ୍ରକାଶକ : ପକ୍ଷୀଘର, ୩୨, ମଧୁସୂଦନ ନଗର, ଭୁବନେଶ୍ୱର ମୂଲ୍ୟ :୧୯୫/–

ମଣିଷ ଜୀବନ ସଂଘର୍ଷମୟ । ପ୍ରତିଦିନ ପ୍ରତିମୁହୂର୍ତ୍ତରେ ସେ ଅନେକ ସମସ୍ୟାକୁ ସାମ୍ନା କରିଥାଏ । ସମସ୍ୟା ସମାଧାନର ବାଟ ଖୋଜୁ ଖୋଜୁ କେତେବେଳେ ଜୀବନର ଶେଷ ସମୟ ଚାଲିଆସେ ଜଣାପଡ଼େନା । ହେଲେ ଶେଷଯାଏ ବି ସମସ୍ୟାରୁ ମୁକ୍ତି ମିଳେନା । ଗୋଟିଏ ପରେ ଗୋଟିଏ ସମସ୍ୟାରେ ଛନ୍ଦି ହୋଇପଡ଼ିଥିବା ମଣିଷ କ'ଣ କଲେ ଏ ସମସ୍ୟାରୁ ବାହାରିବା ପାରିବାର ବାଟ ପାଇବ ଏହାକୁ ନେଇ ସଂକଳନର କେତୋଟି ଗଳ୍ପ ଗତିଶୀଳ । ସମସ୍ୟାବହୁଳ ଜୀବନରେ ମାନବିକ ଭାବାବେଗକୁ ନେଇ ୧୭ଟି କାହାଣୀର ଏହି ସଂକଳନଟି । ଯାହାର ପ୍ରତ୍ୟେକ ଗପରେ ପାରିବାରିକ ସମ୍ପର୍କ, ପ୍ରେମ ପ୍ରଣୟ, ଜୀବନର ବିଭିନ୍ନ ସମସ୍ୟାକୁ ନେଇ ଗପଗୁଡ଼ିକ ରଚିତ ପ୍ରତ୍ୟେକ ଗପର ବର୍ଣ୍ଣନାଶୈଳୀ ବେଶ୍ ସାବଲୀଳ । ପ୍ରତ୍ୟେକ ଗପ ପଢ଼ିବାବେଳେ ପାଠକଙ୍କୁ କାହାଣୀ ଭିତରେ ହଜିଯିବାଭଳି ଲାଗିବ । ପୁସ୍ତକଟି ନିଶ୍ଚିତଭାବେ ପାଠକୀୟ ସ୍ୱୀକୃତି ଲାଭ କରିବ ।




### ଆଧୁନିକ ସାହିତ୍ୟ ଭାଷ୍ୟ

ଲେଖକ :ଡକ୍ଟର ସୁରେଶ ଚନ୍ଦ୍ର କର
ପ୍ରକାଶକ :ଶ୍ରଦ୍ଧା ପବ୍ଲିକେଶନ, ସହଦେଖୁଣ୍ଟା, ବାଲେଶ୍ୱର –୧ ମୂଲ୍ୟ :୧୦୦/–

ଓଡ଼ିଆ ଶିଶୁସାହିତ୍ୟର ସ୍ୱନାମଧନ୍ୟ ଗବେଷକ ଡ. ସୁରେଶ ଚନ୍ଦ୍ର କରଙ୍କ ଲିଖିତ ''ଆଧୁନିକ ସାହିତ୍ୟ ଭାଷ୍ୟ'' ନାମକ ପ୍ରବନ୍ଧ ସଂକଳନ ପ୍ରକାଶ ପାଇଛି । ଏଥିରେ ବାରଗୋଟି ପ୍ରବନ୍ଧ ସ୍ଥାନ ପାଇଛି । ପ୍ରବନ୍ଧଗୁଡ଼ିକ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗକୁ ଆଧାର କରି ଲିଖିତ । ଏଥିରୁ ଛଅଗୋଟି ପ୍ରବନ୍ଧ, କାବ୍ୟ ତଥା କବିତା ଏବଂ ପଦାବଳି ସାହିତ୍ୟକୁ ନେଇ ଚର୍ଚ୍ଚା କରାଯାଇଛି । ଦୁଇଟି ପ୍ରବନ୍ଧ, ଗଳ୍ପକୁ ନେଇ ରଚିତ ହୋଇଥିଲା ବେଳେ ଗୋଟିଏ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ ତଥା ଗୋଟିଏ ନାଟକ ଉପରେ ପର୍ଯ୍ୟବସିତ । ପୁସ୍ତକରେ ସ୍ଥାନିତ ଶେଷ ପ୍ରବନ୍ଧଟି ଉଦୟନାଥଙ୍କ 'ଶିଶୁକବିତାର ଗଠନକଳା' ଏକ ଭିନ୍ନସ୍ୱାଦର ଶିଶୁସାହିତ୍ୟ ଭିତ୍ତିକ ପ୍ରବନ୍ଧ । ମୋଟ ଉପରେ କହିବାକୁ ଗଲେ ପ୍ରବନ୍ଧଗୁଡ଼ିକ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ପାଇବ ବୋଲି ଆଶା । ଲେଖକଙ୍କର ଏଇ ପ୍ରବନ୍ଧ ପୁସ୍ତକ ପାଠକୀୟତା ଲାଭ କରିବ ବୋଲି ଆଶା ।




### ନିର୍ମୋହୀ

ଲେଖକ : ଡ. ଅଶୋକ କୁମାର ଷଡ଼ଙ୍ଗୀ
ପ୍ରକାଶକ : ଅଭିମାନ, ଜମାରସୁଆଁ, ପୁରୀ ମୂଲ୍ୟ :୨୩୦/–

ଡ. ଅଶୋକ କୁମାର ଷଡଙ୍ଗୀଙ୍କ ସଦ୍ୟ ପ୍ରକାଶିତ ଦ୍ୱିତୀୟ କବିତା ସଂକଳନ ''ନିର୍ମୋହୀ'' ଅଭିମାନ ପ୍ରକାଶନୀ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଉକ୍ତ ସଙ୍କଳନରେ ସନ୍ନିବେଶିତ କବିତା ଗୁଡ଼ିକ ରସବୋଧର କଥା କୁହେ । ପ୍ରେମ ଓ ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୁଷ୍ଟ ତାଙ୍କ କବିତାରେ ଭରି ରହିଛି ଜୀବନବୋଧର ଅସୁମାରୀ ଉପାଦାନ । ସୌନ୍ଦର୍ଯ୍ୟର ସନ୍ଧାନ ଓ ତାର ପରିସ୍ଫୁଟନ ଏଥିରେ ଥିବା କବିତା ଗୁଡ଼ିକର ଆଭିମୁଖ୍ୟ । ଲଳିତ ଛନ୍ଦରେ ରଚିତ ତାଙ୍କର ଅନେକ କବିତା ଏକ ଅପୂର୍ବ ଅନୁରାଗରେ ରସାଣିତ । କବି ସ୍ୱପ୍ନର ମଧୁମୟ ସାମ୍ରାଜ୍ୟରେ ଭିଜି ପାଇଛନ୍ତି ତାଙ୍କ କବିତାର ଅପୂର୍ବ ଉଲ୍ଲାସ । କବିଙ୍କ କବିତାର ଶୈଳୀ ମନମୁଗ୍ଧକର ଓ ରୁଚିପୂର୍ଣ୍ଣ । ଜୀବନ ଓ ଜଗତକୁ ଭିନ୍ନ ଦୃଷ୍ଟିରେ ଦେଖୁଥିବା କବିଙ୍କ କାବ୍ୟସ୍ୱର ଆଲୋଚ୍ୟ ସଂକଳନଟିରେ ଯେତିକି ମାର୍ମିକ ସେତିକି ପ୍ରାଣସ୍ପର୍ଶୀ ହୋଇପାରିଛି । ସୁନ୍ଦର ପ୍ରଚ୍ଛଦ ଓ ଅଳଙ୍କରଣରେ ପୁସ୍ତକଟିର ପରିପାଟୀ ଅତ୍ୟନ୍ତ ଆକର୍ଷଣୀୟ ହୋଇ ପାରିଛି ।



# ନାକରେ ଦିଆସିଲି କାଠି

ପିଲାଟି ଦିନରୁ ବିଭିନ୍ନ ଛୋଟମୋଟ ଜିନିଷକୁ ନିଜ ଶରୀରର ବିଭିନ୍ନ ସ୍ଥାନରେ ଲୁଚାଇ ରଖିବାର ଅଜବ ସଉକ ତାଙ୍କର ଥିଲା। ବଡ଼ ହେଲା ପରେ ବି ସେଇ ସଉକ ଗଲାନି। ଆଉ ଏବେ ସେ ଏହି ସଉକକୁ ନେଇ ରେକର୍ଡ କରିଛନ୍ତି। ସେ ହେଉଛନ୍ତି ଆମେରିକାର ଡ. ସ୍କଟ୍ କନକାଲ୍। ଅନେକେ ଭାବୁଥିବେ ଶରୀରର ବିଭିନ୍ନ ସ୍ଥାନରେ ଜିନିଷ ଲୁଚାଇ ରଖିବାର ଅର୍ଥ କ'ଣ ? ମନେ ପକାଇଲେ ପିଲାଦିନେ ଅନେକେ ନାକରେ ବୋତାମ, ମଟର ପୁରାଇଥିବେ। ଏହି ଅଜବ ଅଭ୍ୟାସ ତାଙ୍କର ବି ଥିଲା। ଏହି ଅଭ୍ୟାସ ଖୁବ୍ ବିପଜ୍ଜନକ। ଅନେକେ ତାଙ୍କୁ ମନା ବି କରିଥିଲେ ଏଭଳି କରିବାକୁ। ହେଲେ ସେ ଏଥିରୁ ବିରତ ହୋଇ ନ ଥିଲେ।



ଆଉ ବଡ଼ ହେବାପରେ ଏହି ଅଭ୍ୟାସକୁ ନେଇ ସେ ରେକର୍ଡ କରିବାକୁ ଚାହିଁଲେ। ନିଜ ନାକର ଦୁଇ ପୁଡ଼ାରେ ଯେତେସମ୍ଭବ ଦିଆସିଲି କାଠି ପୁରାଇ ରେକର୍ଡ କରିବାକୁ ନିଷ୍ପତ୍ତି ନେଲେ। ଶେଷରେ ବହୁତ କଷ୍ଟ କରି ସେ ୯୧ଟି ଦିଆସିଲି କାଠି ନାକର ଦୁଇ ପୁଡ଼ାରେ ପୁରାଇଥିଲେ। ଅନେକଙ୍କୁ ଏହି ରେକର୍ଡ ବେଶ୍ ମଜାଦାର ଓ ଏଥିରେ କୌଣସି ବାହାଦୁରୀ ନ ଥିବା ପରି ଲାଗିପାରେ। ହେଲେ ଏହାକୁ କରିବା ଏତେ ସହଜ ନୁହେଁ। ଖୁବ୍ ବିପଜ୍ଜନକ। ତେଣୁ ଘରେ ଏହାକୁ ଟ୍ରାଏ କରିବା ଆଦୌ ଠିକ୍ ନୁହେଁ।



ବ୍ୟାକ୍ ପେଜ୍



# ଦାମୀ ଅମଲେଟ୍

ବ୍ରେକଫାଷ୍ଟରେ ଅନେକେ ଅମ୍ଲେଟ୍ ଖାଆନ୍ତି। କିଏ ଗୋଟିଏ ଅଣ୍ଡାରେ ତ କିଏ ଡବଲ୍ ଅଣ୍ଡାରେ ଅମଲେଟ୍ କରନ୍ତି । କହିବାକୁଗଲେ ନିତିଦିନିଆ ଖାଦ୍ୟ ଇଏ। ହେଲେ ଜାଣନ୍ତି କି ଏମିତି ଏକ ଅମଲେଟ୍ ଅଛି, ଯାହାକୁ ପ୍ରତିଦିନ ଖାଇବା ସମ୍ଭବ ନୁହେଁ। କାରଣ ଏହା ହେଉଛି ପୃଥିବୀର ସବୁଠାରୁ ଦାମୀ ଅମଲେଟ୍। ଯାହାର ନାଁ 'ଜିଲିଅନ ଡଲାର ଲବଷ୍ଟର ଫ୍ରିଟାଟା' । ଏଥିରେ ୧୦ ଆଉନ୍ସର କାସ୍ପିୟନ ସାଗରରେ ମିଳୁଥିବା ଏକ ବିରଳ ପ୍ରଜାତିର ଷ୍ଟର୍ଜନ ମାଛର ଅଣ୍ଡା, ଏକ ବଡ଼ ଲବଷ୍ଟର, ଛଅଟି ଫ୍ରେସ ଅଣ୍ଡା, କ୍ରିମ, ପିଆଜ ସଣ୍ଢା ଓ ଲବଷ୍ଟର ସସ୍ ବ୍ୟବହାର ହୋଇଛି। ୟୁକୋନ ଗୋଲ୍ଡ ପଟାଟୋ ନାମକ ଏକ ପ୍ରକାରର ଆଳୁକୁ ଫ୍ରାଏକରି ଏକ ଶଯ୍ୟା ଭଳି ସଜାଇ ତା'ଉପରେ ଏହି ଅମଲେଟ୍‌କୁ ପରଷାଯାଏ। ଏହାର ମୂଲ୍ୟ ୨୦୦୦ ଡଲାର। ଏହା ଆମେରିକା, ନ୍ୟୁୟର୍କସ୍ଥ ଲେ' ପାର୍କର ମେରିଡିଏନ୍ ହୋଟେଲରେ ଉପଲବ୍ଧ ହୁଏ। ଅମଲେଟ୍‌ଟି ଦେଖିବାକୁ ଏକ ଛୋଟିଆ ୟୁଏଫଓ ଭଳି ଓ ବେଶି ଆକର୍ଷକ ବି ନୁହେଁ। ତଥାପି ଏହାର ମୂଲ୍ୟ ବହୁତ ଅଧିକ ।





# ୧୩ ବର୍ଷ ବୟସରେ ଛୁଇଁଲେ ସାତ ଶିଖର

ବୟସ କମ୍। ହେଲେ ମନୋବଳ ଖୁବ୍ ଦୃଢ। ଏତେ ଦୃଢ ଯେ, ପୃଥିବୀର ସବୁଠାରୁ ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଭେରେଷ୍ଟର ଶିଖର ଛୁଇଁ ପାରିଛନ୍ତି। ଖାଲି ଏଭରେଷ୍ଟ ନୁହେଁ ସାତ ମହାଦେଶର ସର୍ବୋଚ୍ଚ ପର୍ବତ ଶିଖର ସେ ଛୁଇଁ ସାରିଲେଣି। ସେ ହେଉଛନ୍ତି ଆମେରିକାର ଜୋର୍ଡାନ ରୋମେରୋ । ୨୦୧୦ରେ ମାତ୍ର ୧୩ ବର୍ଷ ବୟସରେ ସେ ଏଭରେଷ୍ଟର ଶିଖରରେ ପହଞ୍ଚି ପାରିଥିଲେ। ଏହାପରେ ସେ ଆଫ୍ରିକା ତାଞ୍ଜାନିଆରେ ଥିବା ୫,୮୯୨ ମିଟର ଉଚ୍ଚ ମାଉଣ୍ଟ କିଲିମାଞ୍ଜାରୋ, ଅଷ୍ଟ୍ରେଲିଆର ୨୨୨୮ ମିଟର ଉଚ୍ଚ ମାଉଣ୍ଟକୋସିସ୍କୋ ପର୍ବତ, ରୁଷିଆର ୫୬୪୨ ମିଟର ଉଚ୍ଚ ମାଉଣ୍ଟ ଏଲବ୍ରସ୍, ଆର୍ଜେଣ୍ଟିନାର ୬,୯୬୨ ମିଟର ଉଚ୍ଚ ମାଉଣ୍ଟ ଏକୋନକାଗୁଆ, ଆଲାସ୍କାର ୬,୧୯୪ ମିଟର ଉଚ୍ଚ ଡେନାଲି, ରୁଷର ୫୬୪୨ ମିଟର ଉଚ୍ଚ ମାଉଣ୍ଟ ଏଲବ୍ରସ୍, ଇଣ୍ଡୋନେସିଆର ୪୮୮୪ ମିଟର ଉଚ୍ଚ କାର୍ଷ୍ଟେଞ୍ଜ ପିରାମିଡ ଚଢିବାରେ ସଫଳ ହେଲେ। ଏବେ ରୋମେରୋ ଯୁକ୍ତରାଷ୍ଟ୍ର ଆମେରିକାର ୫୦ ରାଜ୍ୟର ଉଚ୍ଚତମ ପର୍ବତ ଶିଖର ଚଢିବାକୁ ଚେଷ୍ଟା କରୁଛନ୍ତି।